Title Code - ODIODI07788

ସାପ୍ତାହିକ ପତ୍ରିକା
ପଞ୍ଚାୟତିରାଜ ବିଭାଗ,
ଓଡ଼ିଶା ସରକାର

# ଓଡ଼ିଶା ପଞ୍ଚାୟତ ସମାଚାର

Vol - 1 | Issue - 12 | 25 Apr - 1 May, 2017 | Bhubaneswar
ଖଣ୍ଡ - ୧ | ସଂଖ୍ୟା - ୧୨ | ୨୫ ଏପ୍ରିଲ - ୧ ମଇ, ୨୦୧୭ | ଭୁବନେଶ୍ୱର

Website: www.odishapanchayat.gov.in
Email: odishapanchayatsamachar@gmail.com

## ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ ସହ ଏମ୍ଓୟୁ

# କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ

ଚାଷୀମାନଙ୍କର ଆର୍ଥିକ ଅଭିବୃଦ୍ଧି, ମହିଳା ସଶକ୍ତିକରଣ ଓ ପୁଷ୍ଟିଯୁକ୍ତ ଖାଦ୍ୟ ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ କୃଷି ବିଭାଗ ଓ ବିଲ୍ ଓ ମେଲିଣ୍ଡା ଗେଟସ୍ ଫାଉଣ୍ଡେସନ ମଧ୍ୟରେ ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି । ରାଜ୍ୟର କ୍ଷୁଦ୍ରଚାଷୀଙ୍କ ଜୀବନ ଧାରଣର ମାନବୃଦ୍ଧି ଏବଂ ଉନ୍ନତ କୃଷି ପ୍ରଣାଳୀ ମାଧ୍ୟମରେ ଉତ୍ପାଦନ ବୃଦ୍ଧିରେ ଏହି ଚୁକ୍ତିନାମା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

ରାଜ୍ୟ କୃଷି ନିର୍ଦ୍ଦେଶକ ହରିବଲ୍ଲଭ ମିଶ୍ର ଏବଂ ବିଲ୍ ଓ ମେଲିଣ୍ଡା ଗେଟସ୍ ଫାଉଣ୍ଡେସନର ନିର୍ଦ୍ଦେଶକ ଡକ୍ଟର ନିକ୍ ଅଷ୍ଟିନ୍ ୩ ବର୍ଷିଆ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏହି ବୁଝାମଣା ପତ୍ର ଅନୁଯାୟୀ ଫାଉଣ୍ଡେସନ ପକ୍ଷରୁ ସମସ୍ତ କୃଷି ପ୍ରକ୍ରିୟାକୁ ଡିଜିଟାଲାଇଜେସନ୍ କରିବା ସହିତ କୃଷକମାନଙ୍କୁ ସମସ୍ତ ବୈଷୟିକ ସହାୟତା ପ୍ରଦାନ କରାଯିବ ।

ଏହି ଫାଉଣ୍ଡେସନ୍ ଆଗାମୀ ୩ ବର୍ଷ ମଧ୍ୟରେ କୃଷିକାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ୩୨ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇଦେବ । ଏହି କାର୍ଯ୍ୟକ୍ରମ ଅବସରରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ମହାରଥୀ କହିଲେ, ଚୁକ୍ତି ଦ୍ୱାରା କୃଷି ଉପରେ ନିର୍ଭରଶୀଳ ଶତକଡା ୭୦ ଭାଗ ଚାଷୀ ଉପକୃତ ହେବେ ।



ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟ କୃଷି ନିର୍ଦ୍ଦେଶକ ହରିବଲ୍ଲଭ ମିଶ୍ର ଓ ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ର ନିର୍ଦ୍ଦେଶକ ଡକ୍ଟର ନିକ୍ ଅଷ୍ଟିନ ବୁଝାମଣାପତ୍ର ବିନିମୟ କରୁଛନ୍ତି

ପୃଷ୍ଠା ୪ ଦେଖନ୍ତୁ

## ଅର୍ଥକମିଶନ ଅନୁଦାନ ଓ ବିନିଯୋଗର ସମନ୍ୱୟ

# ଷ୍ଟେଟ୍ବ୍ୟାଙ୍କ୍ ସହ ପଞ୍ଚାୟତିରାଜ ବିଭାଗର ବୁଝାମଣା



ଉତ୍ତରାଧିକାରୀ ସୂତ୍ରରେ ଆମେ ଗ୍ରାମୀଣ ସଭ୍ୟତା ପାଇଛେ । ମୋ ମତରେ ଆମ ଦେଶର ବିଶାଳତା ଓ ତାହାର ବିପୁଳ ଜନସଂଖ୍ୟା ଦୃଷ୍ଟିରୁ ପରିସ୍ଥିତି ଓ ପରିବେଶ ଗ୍ରାମୀଣ ସଭ୍ୟତା ପାଇଁ ବିଧି ନିର୍ଦ୍ଧାରିତ । ସହରୀ ସଭ୍ୟତା ପାଇଁ ତାହାର ମୂଳୋତ୍ପାଟନ କରିବା ଅସମ୍ଭବ ।

– ମହାତ୍ମା ଗାନ୍ଧି

ଚତୁର୍ଥ ରାଜ୍ୟ ଅର୍ଥ କମିଶନ ଓ ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନଭିତ୍ତିକ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ତଥା ନିର୍ଭୁଲ ହିସାବ ରକ୍ଷା ପାଇଁ ଆକ୍ସନ ସଫ୍ଟ ଆପ୍ଲିକେସନ ବ୍ୟବହାର ପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଏବଂ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟରେ ଏପ୍ରିଲ ୨୧ ତାରିଖରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଜାତୀୟ ସୂଚନା କେନ୍ଦ୍ର(ଏନ୍ଆଇସି) ପକ୍ଷରୁ ପ୍ରସ୍ତୁତ ଏହି ସଫ୍ଟୱେର ପଞ୍ଚାୟତିରାଜ ବିଭାଗର ବିଭିନ୍ନ ପ୍ରକଳ୍ପର ସୁପରିଚାଳନାରେ ସହାୟକ ହେବ ଏବଂ କାର୍ଯ୍ୟର ଅଗ୍ରଗତି ସହ ତାଳଦେଇ ତୁରନ୍ତ ପାଣ୍ଠି ଯୋଗାଣ ସମ୍ଭବପର ହୋଇପାରିବ ।



ରାଜ୍ୟ ପଞ୍ଚାୟତିରାଜ ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ପାଢ଼ୀ ଓ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଭୁବନେଶ୍ୱରସ୍ଥିତ ଡେପୁଟି ଜେନେରାଲ୍ ମ୍ୟାନେଜର୍ ଶ୍ରୀ ଗୌତମ ରାୟ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି ।

ପୃଷ୍ଠା ୪ ଦେଖନ୍ତୁ

# ଦାରିଦ୍ର୍ୟମୁକ୍ତ ରାଜ୍ୟ

ବିକାଶର ଗତିକୁ ତ୍ୱରାନ୍ୱିତ କରି ସମୃଦ୍ଧ ରାଜ୍ୟ ଗଠନରେ ପ୍ରମୁଖ ଅନ୍ତରାୟ ହେଉଛି ଦାରିଦ୍ର୍ୟ । ସୀମିତ ଲୋକଙ୍କ ଉପାର୍ଜନ ବୃଦ୍ଧି ଘଟିଲେ ରାଜ୍ୟର ମୁଣ୍ଡପିଛା ଆୟ ପ୍ରଭାବିତ ହେବା ସ୍ୱାଭାବିକ । ମୁଣ୍ଡପିଛା ଆୟର ବର୍ଦ୍ଧିତ ହାର ଯେ ସମ୍ପୂର୍ଣ୍ଣ ରାଜ୍ୟରୁ ଦାରିଦ୍ର୍ୟ ଦୂର କରିବାରେ ସହାୟକ ହେବ ଏକଥା ନୁହେଁ । ତେଣୁ ଓଡ଼ିଶା ସରକାର ରାଜ୍ୟର ଅନଗ୍ରସର ଓ ଅପହଞ୍ଚ ଅଞ୍ଚଳରେ ଯୋଗାଯୋଗ ଓ ଗମନାଗମନର ସୁବ୍ୟବସ୍ଥା କରିବାକୁ ଗୋପବନ୍ଧୁ ଗ୍ରାମୀଣ ଯୋଜନା ୨୦୦୬-୦୭ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ କରୁଛନ୍ତି । ଆଞ୍ଚଳିକ ବିକାଶ ସହ ଅନଗ୍ରସର ଅଞ୍ଚଳର ଅଧିବାସୀଙ୍କୁ ପକ୍କାଘର, ବିଶୁଦ୍ଧ ପାଣି ଏବଂ ସେମାନଙ୍କ ଜୀବନଜୀବିକା ବିକାଶର ଗୁରୁଦାୟିତ୍ୱ ମଧ୍ୟ ବହନ କରିଛନ୍ତି ରାଜ୍ୟ ସରକାର । ଏହି ଲକ୍ଷ୍ୟକୁ ରୂପାୟିତ କରିବାର ମାଧ୍ୟମ ହେଲା ପଞ୍ଚାୟତିରାଜ ବିଭାଗ । ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧି ତୃଣମୂଳସ୍ତରରୁ ଆଞ୍ଚଳିକ ଆବଶ୍ୟକତାକୁ ଭିତ୍ତି କରି କେବଳ ଯୋଜନା ପ୍ରସ୍ତୁତ କରିବା ସହ ଅଞ୍ଚଳବାସୀଙ୍କ ସହଭାଗିତାରେ ତାହାର ସଫଳ ରୂପାୟନ କରିବାକୁ ମଧ୍ୟ ସମର୍ଥ ହେଉଛନ୍ତି । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରଙ୍କ ସକାଶେ ସ୍ୱତନ୍ତ୍ର ରିହାତି ଦରରେ ଖାଦ୍ୟଶସ୍ୟ ଯୋଗାଇବା ସହ ନିରାପଦ ପକ୍କାଘରେ ଅବସ୍ଥାନ କରିବାର ସୁଯୋଗ ସୃଷ୍ଟି କରିଛନ୍ତି । ସେହିଭଳି ସର୍ବନିମ୍ନ ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବା ପାଇଁ  ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ, ମାଗଣା ପୋଷାକ ଓ ପାଠ୍ୟପୁସ୍ତକ ସାଙ୍ଗକୁ ସାଇକେଲ ମଧ୍ୟ ପ୍ରଦାନ କରାଯାଉଛି । ରାଜ୍ୟ ସରକାର ଓ ଦରିଦ୍ର ଜନସାଧାରଣଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନର ମାଧ୍ୟମ ହୋଇଛି ପଞ୍ଚାୟତିରାଜ ବିଭାଗ । ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ରାଜ୍ୟର ସାମଗ୍ରିକ ବିକାଶ ପ୍ରକ୍ରିୟା ଫଳପ୍ରସୂ ହେବା ପଛରେ ବିଭାଗର ନିଷ୍ଠାପର କାର୍ଯ୍ୟାନ୍ୱୟନ ନିର୍ଭରଶୀଳ ।

ସମଗ୍ର ବିଶ୍ୱକୁ ୨୦୩୦ ସୁଦ୍ଧା ଦାରିଦ୍ର୍ୟମୁକ୍ତ କରିବା ସକାଶେ ଜାତିସଂଘ ସହ ସମ୍ପୃକ୍ତ ୧୯୩ ସଦସ୍ୟ ରାଷ୍ଟ୍ରମାନଙ୍କର ପ୍ରତିବଦ୍ଧତାକୁ ଫଳପ୍ରସୂ କରିବା ଏକ ଆହ୍ୱାନ ଅଟେ । ଆମ ସମ୍ବିଧାନର ଏକାଦଶ ଅନୁସୂଚୀ ଅନୁଯାୟୀ ପଞ୍ଚାୟତିରାଜ ବିଭାଗ ହାତରେ ୨୯ଟି ବିଷୟରେ କାର୍ଯ୍ୟ କରିବାର ସୁଯୋଗ ରହିଛି । ଜାତିସଂଘର ଘୋଷଣା ଓ ଆମ ଦେଶର ସାମ୍ବିଧାନିକ ନିର୍ଦ୍ଦେଶ ଆଧାରରେ ସରକାର ପଞ୍ଚାୟତିରାଜ ବିଭାଗକୁ ଅନୁଦାନ ପ୍ରଦାନ କରୁଛନ୍ତି । କେନ୍ଦ୍ରର ଚତୁର୍ଦ୍ଦଶ ଅର୍ଥ କମିଶନ ଓ ରାଜ୍ୟ ଚତୁର୍ଥ ଅର୍ଥ କମିଶନଙ୍କ ଘୋଷିତ ଅନୁଦାନ ପରେ ପଞ୍ଚାୟତସ୍ତରରେ ଯୋଜନା ରୂପାୟନ ପାଇଁ ଆଉ ଅର୍ଥ ବାଧକ ହୋଇ ରହିନାହିଁ । ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ହିତାଧିକାରୀଙ୍କୁ ମିଳୁଥିବା ସୁବିଧା ସୁଯୋଗ ସହ ଅନଗ୍ରସର ଅଞ୍ଚଳରେ ଭିତ୍ତିଭୂମିର ବିକାଶ ଓ ଅଞ୍ଚଳବାସୀଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ଓ ସମର୍ଥ କରିବାର ପ୍ରୟାସ ମଧ୍ୟ ଜାରି ରହିଛି । ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ମନରେଗା) ମାଧ୍ୟମରେ ବର୍ଷକୁ ୧୦୦ ଦିନର ନିଶ୍ଚିତ ରୋଜଗାରର ବ୍ୟବସ୍ଥା କରାଯାଇଛି । ଜୀବିକା ନିରାପତ୍ତା ଯୋଗାଇବାରେ ଏହି ଯୋଜନା ପ୍ରମୁଖ ଭୂମିକା ଗ୍ରହଣ କରିଛି । କେନ୍ଦ୍ର ଓ ରାଜ୍ୟ ସରକାର ୭୫:୨୫ ଅନୁପାତରେ ଏ ବାବଦ ଖର୍ଚ୍ଚ ବହନ କରୁଛନ୍ତି । ପରିବାରର ଉପାର୍ଜନରେ ଅଂଶୀଦାର ହେବା ପାଇଁ ଗ୍ରାମାଞ୍ଚଳର ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇଛନ୍ତି । ଜାତୀୟ ଗ୍ରାମୀଣ ଜୀବିକା ମିଶନ ସହ ଓଡ଼ିଶା ଜୀବିକା ମିଶନ ଏ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛନ୍ତି । ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତସ୍ତରୀୟ ସଂଘ ଓ ଉତ୍ପାଦକ ଗୋଷ୍ଠୀ ଗୁଡିକୁ ଓଡ଼ିଶା ଜୀବିକା ମିଶନ ପୃଷ୍ଠପୋଷକତା ପ୍ରଦାନ କରିଆସିଛି । ଏହା ଫଳରେ ରାଜ୍ୟର ୩୩ ଲକ୍ଷ ପରିବାର ଓ ୨.୯୯ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସ୍ୱାବଲମ୍ବୀ ହୋଇ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି ଘଟାଇବାରେ ସମର୍ଥ ହୋଇଛନ୍ତି । ନିକଟରେ ମୁଖ୍ୟମନ୍ତ୍ରୀ ଏହି ଗୋଷ୍ଠୀ ଗୁଡ଼ିକର କ୍ରେଡିଟ ଲିଙ୍କେଜ୍ ୧୦୦୦ କୋଟି ଟଙ୍କାକୁ ବୃଦ୍ଧି କରିବା ସହ ଏ ବାବଦରେ ମାତ୍ର ୧ ପ୍ରତିଶତ ସୁଧ ନିଆଯିବ ବୋଲି ଘୋଷଣା କରିଛନ୍ତି । ରାଜ୍ୟର ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାର ଯୁବକ, ଯୁବତୀଙ୍କ ଦକ୍ଷତା ବିକାଶ କରି ନିଯୁକ୍ତି ସୁଯୋଗ ସୃଷ୍ଟିରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ମୁଖ୍ୟ ଭୂମିକା ଗ୍ରହଣ କରିଛି । ଗତ ଆର୍ଥିକ ବର୍ଷରେ ତାଲିମ ନେଇଥିବା ୨୫ ହଜାର ୮୮୦ ଯୁବକ, ଯୁବତୀଙ୍କ ମଧ୍ୟରୁ ୨୦ ହଜାର ୬୦୫ ଜଣଙ୍କୁ ଅନ୍ୟୁନ ମାସିକ ୬ହଜାର ଟଙ୍କା ଦରମା ସହ ବିଭିନ୍ନ ପଞ୍ଜିକୃତ ସଂସ୍ଥାରେ ନିଯୁକ୍ତି ମିଳିଛି । ଅନ୍ୟମାନେ ନିଜସ୍ୱ ସଂସ୍ଥା ଖୋଲି ଉପାର୍ଜନକ୍ଷମ ହେବା ସହ କିଛି ସହଯୋଗୀଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି । ୨୦୧୯ ସୁଦ୍ଧା ଏହି ସଂଖ୍ୟା ୧ ଲକ୍ଷକୁ ବୃଦ୍ଧି ପାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ନିକଟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ଶେଷ ହୋଇଛି । ରାଜ୍ୟର ସାମଗ୍ରିକ ବିକାଶ ମାନଚିତ୍ରରେ ବିଭାଗର ଗୁରୁତ୍ୱ ଦିନକୁଦିନ ବୃଦ୍ଧି ପାଉଥିବା ବେଳେ ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧି ନିଜର କ୍ଷମତା ଓ ଦାୟିତ୍ୱ ସମ୍ପର୍କରେ ସଚେତନ ହେବା ଜରୁରୀ । ନିଜ ନିଜ ଅଞ୍ଚଳକୁ ସକ୍ଷମ ଓ ସମର୍ଥ କରିବାରେ ନିଜର ଭୂମିକାକୁ ନିଶ୍ଚିତ କରାଇବାରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ପ୍ରଶିକ୍ଷଣ ନିଶ୍ଚୟ ଉପାଦେୟ ହେବ ।

# ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ମଡେଲ୍: ମୁଖ୍ୟମନ୍ତ୍ରୀ



**ବିଜୁ ବାବୁଙ୍କ ଶ୍ରାଦ୍ଧବାର୍ଷିକୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି**

ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ସାରା ବିଶ୍ୱରେ ମଡେଲ୍ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ପ୍ରାକୃତିକ ବିପର୍ଯ୍ୟୟରେ ରାଜ୍ୟର ଜନଜୀବନ କ୍ରମାଗତ ଭାବେ ବିପୁଳ କ୍ଷତି ସହି ଆସୁଥିବା ବେଳେ ଏ କ୍ଷେତ୍ରରେ ସରକାରଙ୍କ ଅଭିନବ ପ୍ରୟାସ ସାରା ବିଶ୍ୱରେ ପ୍ରଶଂସିତ ହୋଇଛି ।

ବିଜୁ ବାବୁଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷା, ମହିଳାଙ୍କ ସଶକ୍ତିକରଣ, ଚାଷୀ, ଭିନ୍ନକ୍ଷମ ଓ ଶ୍ରମିକଙ୍କ କଲ୍ୟାଣ, ଦଳିତ ଓ ଜନଜାତିଙ୍କ ଅଧିକାରର ସୁରକ୍ଷା ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ସବୁ ବର୍ଗର ଲୋକଙ୍କ ବିକାଶକୁ ପ୍ରାଧାନ୍ୟ ଦେଇଛନ୍ତି । ରାଜ୍ୟବାସୀଙ୍କ ସହଯୋଗରେ ଏହି ସଫଳତା ହାସଲ କରାଯାଇଛି ।

ଓଡ଼ିଶାର ବିକାଶ ଓ ସ୍ୱାଭିମାନ ରକ୍ଷା ପାଇଁ ବିଜୁବାବୁଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗ ସରକାରଙ୍କ ପଥ ପ୍ରଦର୍ଶକ ହୋଇଛି । ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରି ବିକାଶର କାର୍ଯ୍ୟସୂଚୀ ସରକାର ନିର୍ଦ୍ଧାରଣ କରିଛନ୍ତି । ତେଣୁ କୃଷି କ୍ଷେତ୍ରରେ ଉତ୍ପାଦନ ଓ ଉତ୍ପାଦିକତା ଦୁଇଗୁଣରୁ ଅଧିକ ହୋଇଥିବାରୁ ଚାଷୀଙ୍କ ରୋଜଗାର ସେହି ଅନୁପାତରେ ବୃଦ୍ଧି ପାଇଛି । ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ସହ ଉନ୍ନତ କୃଷି ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

# ନିରାପଦ ଖାଦ୍ୟଶସ୍ୟ ପାଇଁ ଦେଶୀ ସାର

ଜମିରେ ଠିକ୍ ସମୟରେ ନାଇଟ୍ରୋଜେନ୍ ଓ ଫସଫରସ୍ ସାର ବ୍ୟବହାର କଲେ ଗଛ ଭଲ ରୂପେ ବଢ଼ିପାରିବ । ଗାଈ ଖତରେ ନାଇଟ୍ରୋଜେନ୍ ଭରପୁର ମାତ୍ରାରେ ରହିଛି । ତେଣୁ ବଜାରରୁ ସାର କିଣି ଖର୍ଚ୍ଚାନ୍ତ ହେବା ଅପେକ୍ଷା ଗାଈ ଖତର ପ୍ରକ୍ରିୟାକରଣ କରି ଜମିରେ ବ୍ୟବହାର କଲେ କମ୍ ଖର୍ଚ୍ଚ ହେବା ସାଙ୍ଗକୁ ଜମିର ଉର୍ବରତା ଓ ଉତ୍ପାଦକତା ମଧ୍ୟ ବଢ଼ିବ ।

ତାମିଲନାଡୁ ଇରୋଡ ଜିଲ୍ଲାର ଗାଈ ଖତକୁ ଅଭିନବ ଉପାୟରେ ଉପଯୋଗ କରି ନିଜ ଜମିକୁ ଜି.ଆର୍.ଶକ୍ତିଭେଲ୍ ଶସ୍ୟଶ୍ୟାମଳା କରିପାରିଛନ୍ତି । ସେ ବହୁ ଦିନ ଧରି ଗବେଷଣା କଲା ପରେ ନିଜ ଆଖୁ କିଆରିରେ ଗୋବର ଓ ଗୋ ମୂତ୍ରର ରିସାଇକ୍ଲିଂ ଦ୍ୱାରା ପ୍ରସ୍ତୁତ ପ୍ରାକୃତିକ ସାରକୁ ବ୍ୟବହାର କରୁଛନ୍ତି । ଗାଈ ଗୁହାଳର ଚଟାଣକୁ ଗଡାଣିଆ କରି ତିଆରି କରିବା ସଙ୍ଗେସଙ୍ଗେ ଗୁହାଳ ପାଖରେ ମୂତ୍ର ଜମା ହେବା ପାଇଁ ଏକ ଟାଙ୍କି ନିର୍ମାଣ କରିଛନ୍ତି । ଗୋ ମୂତ୍ର ଗଡିଗଡି ଯାଇ ଟାଙ୍କିରେ ଜମା ହୁଏ । ଗୋବର ଓ ମୂତ୍ରର ମିଶ୍ରଣରେ ପାଣି ମିଶାଇ ଡ୍ରିପ୍ ଲାଇନସ୍ ଜରିଆରେ ଆଖୁ କିଆରିରେ ପ୍ରୟୋଗ କରୁଛନ୍ତି ଶକ୍ତିଭେଲ୍ । ଜମିରେ ବ୍ୟବହାର କରିସାରିଲା ପରେ ବଳକା ଗୋବରକୁ ସେ ଗୋବର ଗ୍ୟାସ୍ ଟ୍ୟାଙ୍କିରେ ଜମା କରି ଜାଳେଣି ଭାବେ ବ୍ୟବହାର କରୁଛନ୍ତି ।

ଗୋବର ଓ ଗୋ ମୂତ୍ରକୁ ଟାଙ୍କିରେ ଜମା କରି ଜମିରେ ଖତ ଓ ଜାଳେଣି ରୂପେ ବ୍ୟବହାର କରିବା ପ୍ରକ୍ରିୟା ତାମିଲନାଡୁର ଅନେକ ଚାଷୀଙ୍କ ଦୃଷ୍ଟି ଆକର୍ଷଣ କଲା । କିନ୍ତୁ ଏଥିଲାଗି ଆବଶ୍ୟକ ସରଞ୍ଜାମ ଓ ମୂଲିଆ ମଜୁରୀ ବାବଦ ଖର୍ଚ୍ଚକୁ ମିଶାଇ ୪୦ ହଜାରରୁ କମ୍ ଟଙ୍କାରେ ଟାଙ୍କି ନିର୍ମାଣ କରିବା ସମ୍ଭବ ନଥିଲା । ଯାହାକି କ୍ଷୁଦ୍ର ଚାଷୀଙ୍କୁ ଏହି ପଦ୍ଧତି ଆପଣେଇବା ପାଇଁ ନିରୁତ୍ସାହିତ କରୁଥିଲା । ଚେନ୍ନିମଲାଇ, ମାଲାଡିର ଆଲାଗେସାନ ନାମକ ଜଣେ ଚାଷୀ ଶକ୍ତିଭେଲ୍ଙ୍କ ମଡେଲ୍‌କୁ ଅନୁକରଣ କରି କମ୍ ଖର୍ଚ୍ଚରେ ଗୋବର ଓ ମୂତ୍ର ଉପଯୋଗରେ ସାର ପ୍ରସ୍ତୁତି ପାଇଁ ନିଷ୍ପତ୍ତି ନେଲେ ।

ଶକ୍ତିଭେଲ୍ଙ୍କ ମଡେଲ୍‌ରେ ଟାଙ୍କି ତିଆରି ପାଇଁ ସିମେଣ୍ଟ, ବାଲି, ଇଟା, ଶ୍ରମିକ ମଜୁରି ସହିତ ବହୁତ ସମୟ ମଧ୍ୟ ଅପଚୟ ହେଉଥିଲା । କିନ୍ତୁ ଆଲାଗେସାନ କୃତ୍ରିମ ଉପାୟରେ ସାର ପ୍ରସ୍ତୁତି ପାଇଁ ଆପଣେଇ ଥିବା ପଦ୍ଧତିରେ ନା ଦରକାର ହେଉଥିଲା ସିମେଣ୍ଟ ନା ଶ୍ରମିକ । ଜମିରେ ବ୍ୟବହାର ପାଇଁ ଗୋଟିଏ ବଡ ପ୍ଲାଷ୍ଟିକ ଟାଙ୍କିରେ ଗୋବର ଖତ ଓ ମୂତ୍ର ଜମା କରି ସେ ଜୈବିକ ସାର ପ୍ରସ୍ତୁତ କଲେ ।




ପ୍ରତି ଏକ କିଲୋଗ୍ରାମ ଗାଈ ଖତରେ ୫ ଲିଟର ଗୋ ମୂତ୍ର ମିଶାଇ ୨୪ ଘଣ୍ଟା ପର୍ଯ୍ୟନ୍ତ ପ୍ଲାଷ୍ଟିକ ଟାଙ୍କିରେ ରଖାଯାଏ । ପଚନ ପ୍ରକ୍ରିୟା ସମ୍ପାଦିତ ହେବା ପାଇଁ ଅଳ୍ପ ପରିମାଣରେ ଗୁଡ଼ ଏଥିରେ ମିଶାଯାଏ । ମାତ୍ର ୮୦୦ ରୁ ୧୦୦୦ ଟଙ୍କା ଖର୍ଚ୍ଚ କରି ଚାଷୀମାନେ ଏଭଳି କୃତ୍ରିମ ଉପାୟରେ ସାର ପ୍ରସ୍ତୁତ କରିପାରିବେ । ଏହି ଜୈବିକ ସାରକୁ ଜମିରେ ବ୍ୟବହାର କଲେ କମ୍ ଖର୍ଚ୍ଚ ହେବା ସହ ଅମଳ ହୋଇଥିବା ଖାଦ୍ୟଶସ୍ୟ ବ୍ୟବହାର ମଧ୍ୟ ଶରୀର ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଏ ନାହିଁ । ସମୟକ୍ରମେ ଏହି ପ୍ଲାଷ୍ଟିକ ଟାଙ୍କିକୁ କମ୍ ବ୍ୟୟ ଓ ବିନା ପରିଶ୍ରମରେ ବଦଳା ଯାଇପାରିବ । ଯେତେବେଳେ ଯେଉଁ ଜମିରେ ସାର ପ୍ରୟୋଗର ଆବଶ୍ୟକତା ରହିଛ ସେହି ଜମିକୁ ପ୍ଲାଷ୍ଟିକ ଟାଙ୍କି ନେଇ ସାର ପ୍ରୟୋଗ କରାଯାଇପାରିବ, ଯାହାକି ଶକ୍ତିଭେଲ୍ଙ୍କ ମଡେଲରେ ସମ୍ଭବ ନୁହେଁ । ନିୟମିତ ବ୍ୟବଧାନରେ ଏହି ଟାଙ୍କିକୁ ସଫା କରିବା ପାଇଁ ଅଯଥା ସମୟ ଅପଚୟ ହୁଏ ନାହିଁ । ଏବେ ତାମିଲନାଡୁ ଇରୋଡ ଜିଲ୍ଲା ରେ ଅଧିକାଂଶ ଚାଷୀ ଏହି ପଦ୍ଧତିକୁ ଆପଣାଇ ଏହାର ସୁଫଳ ପାଇସାରିଲେଣି ।

ଅଧିକ ଅମଳ ପାଇଁ ବହୁଳ ପରିମାଣରେ ରାସାୟନିକ ସାରର ବ୍ୟବହାର ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ସୃଷ୍ଟି କରିବା ସାଙ୍ଗକୁ ସେହି ଖାଦ୍ୟଶସ୍ୟ ବିଭିନ୍ନ ରୋଗର କାରଣ ହୋଇଥାଏ । ଅନ୍ୟପକ୍ଷରେ ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟୟବହୁଳ ହୋଇଥିବାରୁ ତାହାକୁ କିଣି କ୍ଷେତରେ ବ୍ୟବହାର କରିବା କ୍ଷୁଦ୍ର ଚାଷୀଙ୍କ ପକ୍ଷରେ ସମ୍ଭବ ହୁଏ ନାହିଁ । ତେଣୁ ଆଲାଗେସାନଙ୍କ ଏହି ମଡେଲ୍ ତାମିଲନାଡୁ ଛଡା ଦେଶର ଅନ୍ୟ ରାଜ୍ୟର ଚାଷୀଙ୍କୁ ଅଳ୍ପ ଖର୍ଚ୍ଚରେ ନିରୋଗ ଖାଦ୍ୟଶସ୍ୟ ଅମଳ କରିବାର ବାଟ ଦେଖାଇଛି ।



ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## କ୍ଷୁଦ୍ର ଓ ନାମମାତ୍ର ଚାଷୀ...

ଏହାଦ୍ୱାରା ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଜୀବନ ଧାରଣର ମାନ ବୃଦ୍ଧି ସହ କୃଷି ଉତ୍ପାଦିକତା ମଧ୍ୟ ବୃଦ୍ଧି ହୋଇପାରିବ । ଓଡିଶା ସରକାରଙ୍କ ପକ୍ଷରୁ ଏଭଳି ସୁଯୋଗ ମିଳିଥିବାରୁ ଏହାକୁ ଫଳପ୍ରସୂ କରିବା ଫାଉଣ୍ଡେସନର ଲକ୍ଷ୍ୟ ବୋଲି ନିର୍ଦ୍ଦେଶକ ଡକ୍ଟର ଅଷ୍ଟିନ କହିଛନ୍ତି ।

ରାଜ୍ୟ ସମବାୟ ସଚିବ ମନୋଜ ଆହୁଜା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏ ଅବସରରେ ଉନ୍ନୟନ କମିଶନର ଆର୍ ବାଲକ୍ରିଷ୍ଣନ, ଖାଦ୍ୟ ଉତ୍ପାଦନ କମିଶନର ଗଗନ ଧଳ, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଜି ଭି ଭି ଶର୍ମା, ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ଅସିତ ତ୍ରିପାଠୀ, ଇମେକ୍ ନିର୍ଦ୍ଦେଶକ ବିମଳେନ୍ଦୁ ଦାସ, ଜଳସେଚନ ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ ଜେନା ଏବଂ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ଷ୍ଟେଟ୍‌ବ୍ୟାଙ୍କ୍ ସହ ପଞ୍ଚାୟତିରାଜ...

ସୂଚନାଯୋଗ୍ୟ ୨୦୧୫-୧୬ରୁ ୨୦୧୯-୨୦ ବର୍ଷ ମଧ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପାଇଁ ଚତୁର୍ଥ ଅର୍ଥ କମିଶନ ବାର୍ଷିକ ୪୯୩ କୋଟି ୭୭ ଲକ୍ଷ ଟଙ୍କା ହିସାବରେ ମୋଟ ୨୪୬୮ କୋଟି ୮୫ ଲକ୍ଷ ଟଙ୍କା ଅନୁଦାନ ଯୋଗାଇବେ ।

ସେହିପରି ଏହି ୫ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତକୁ ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ କମିଶନରୁ ମୋଟ ୭୯୬୫ କୋଟି ୩୦ ଲକ୍ଷ ଟଙ୍କାର ଅନୁଦାନ ମିଳିବ ।

ଏହା ବ୍ୟତୀତ ୨୦୧୬-୧୭ ବର୍ଷଠାରୁ ରାଜ୍ୟର ପ୍ରତି ବ୍ଲକର ଦୁଇଟି ଗ୍ରାମପଞ୍ଚାୟତକୁ ୩ ଲକ୍ଷ ଟଙ୍କା ଲେଖାଏଁ 'ପ୍ରୋତ୍ସାହନ ଗ୍ରାଣ୍ଟ' ଚତୁର୍ଥ ରାଜ୍ୟ ଅର୍ଥ କମିଶନରୁ ମିଳିବ । ସେହିପରି ଆଭ୍ୟନ୍ତରୀଣ ସୂତ୍ରରୁ ସମ୍ବଳ ସଂଗ୍ରହର ବୃଦ୍ଧି ଏବଂ ଅଡିଟ ରିପୋର୍ଟ ଭିତ୍ତିରେ ଗ୍ରାମପଞ୍ଚାୟତଗୁଡିକୁ ଚତୁର୍ଦ୍ଦଶ ଅର୍ଥ କମିଶନ ପକ୍ଷରୁ 'କାର୍ଯ୍ୟ ସମ୍ପାଦନ ଗ୍ରାଣ୍ଟ' ଯୋଗାଇବାର ବ୍ୟବସ୍ଥା ରହିଛି ।

'ଆକ୍ସନ୍ ସଫ୍ଟ' ପ୍ରୟୋଗ ଫଳରେ ଗ୍ରାମ ପଞ୍ଚାୟତ ପାଣ୍ଠିରେ କେତେ ଟଙ୍କା ରହିଛି, କେତେ ସୁଧ ଅର୍ଜନ ହୋଇଛି, ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା କେତେ ପାଣ୍ଠି ଉପଯୋଗ ହୋଇଛି ଏବଂ ବିଭିନ୍ନ କାର୍ଯ୍ୟର ବାସ୍ତବ ଅଗ୍ରଗତି ଏବଂ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପର ସ୍ଥିତି ସମ୍ପର୍କରେ ଜାଣିବା ସହଜ ହେବ । ଗ୍ରାମପଞ୍ଚାୟତ ବିକାଶ ଯୋଜନାଗୁଡ଼ିକୁ ଅପଲୋଡ୍ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମର ସ୍ଥିତି ସମୀକ୍ଷା କରିବା ଏବଂ ତଦନୁଯାୟୀ ଷ୍ଟେଟ୍‌ବ୍ୟାଙ୍କ୍ ପକ୍ଷରୁ ଆର୍ଥିକ ପରିଚାଳନା ବ୍ୟବସ୍ଥାର କାର୍ଯ୍ୟକାରିତା ଏହା ଦ୍ୱାରା ସହଜ ହେବ ।

ନୂତନ ବ୍ୟବସ୍ଥାରେ ଡିଜିଟାଲ୍ ବ୍ୟାଙ୍କିଂ ସୁବିଧା ଆପଣେଇବା ଫଳରେ କମ୍ ସମୟରେ ୨୪ ଘଣ୍ଟା ମଧ୍ୟରେ ଟଙ୍କା ନେଣଦେଣ ସମ୍ଭବ ହେବ ଏବଂ ନିରାପଦ ଭାବେ ଠିକ୍ ସମୟରେ ଖାତାକୁ ଟଙ୍କା ଆସିପାରିବ ।




# ପାଚିଲା ଫଳ ବିଷ

ସ୍ୱାସ୍ଥ୍ୟକର, ପୌଷ୍ଟିକ ଓ ସୁପାଚ୍ୟ ହୋଇଥିବାରୁ ସବୁ ବର୍ଗର ଲୋକଙ୍କର ଖାଦ୍ୟ ତାଲିକାରେ ପ୍ରଥମ ପସନ୍ଦ ହେଲା ଫଳ । ସଂପ୍ରତି ଆମ୍ବ, କଦଳୀ, ଅମୃତଭଣ୍ଡା, ସପେଟା ଆଦି ଫଳ ପାଚିବା ନିମନ୍ତେ କ୍ୟାଲସିୟମ୍ କାର୍ବାଇଡର ବହୁଳ ବ୍ୟବହାର ଆମକୁ ଯେ ଏକ ଘାତକ ମୃତ୍ୟୁ ଆଡକୁ ଟାଣି ନେଉଛି ଏହା ନିଃସନ୍ଦେହ । ସମ୍ବିଧାନର ୧୯୫୫ ଖାଦ୍ୟ ଅପମିଶ୍ରଣ ନିୟମ, ୨୦୧୧ ଖାଦ୍ୟ ନିରାପତ୍ତା ଓ ମାନକ ନିୟମ ଅନୁଯାୟୀ କାଲସିୟମ୍ କାର୍ବାଇଡ୍ ଦ୍ୱାରା ଫଳ ପଚାଇବା କାର୍ଯ୍ୟ ଆଇନତଃ ଦଣ୍ଡନୀୟ । ୨୦୧୫ ମସିହାରେ ଆନ୍ଧ୍ରପ୍ରଦେଶର ମାନ୍ୟବର ହାଇକୋର୍ଟ ଏ ସମ୍ବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । କାଲସିୟମ୍ କାର୍ବାଇଡ୍ ବ୍ୟବହାର କରି ଫଳ ପଚାଯାଉଥିବା କାର୍ଯ୍ୟ ଆତଙ୍କବାଦୀ କାର୍ଯ୍ୟକଳାପ ଠାରୁ ମଧ୍ୟ ଅଧିକ ଦୋଷାବହ ଏବଂ ଏ କାର୍ଯ୍ୟରେ ଲିପ୍ତ ବ୍ୟକ୍ତି ପରୋକ୍ଷରେ ମାନବଜାତିର ଘାତକ ମୃତ୍ୟୁର କାରଣ । ଏଭଳି କୃତ୍ରିମ ଉପାୟରେ ଫଳ ପଚାଇ ବିକ୍ରି କରିବା ଏକ ଧର୍ତ୍ତବ୍ୟ ଅପରାଧ । ସମ୍ପୃକ୍ତ ବ୍ୟକ୍ତି ଧରା ପଡିଲେ ୫ ଲକ୍ଷ ଟଙ୍କା ଜରିମାନା ଓ ୬ ମାସ ଜେଲ୍ ଦଣ୍ଡର ପାଇବାର ବ୍ୟବସ୍ଥା ରହିଛି ।

ଫଳ କଞ୍ଚାଥିବା ଅବସ୍ଥାରେ ପରିବହନ ପାଇଁ ଉପଯୋଗୀ ହୋଇଥିବାରୁ ବ୍ୟବସାୟୀମାନେ ନିର୍ବିଚାରରେ କଞ୍ଚା ଫଳକୁ କାଲସିୟମ୍ କାର୍ବାଇଡ ମାଧ୍ୟମରେ ପଚାଇ ବଜାରକୁ ଛାଡୁଛନ୍ତି । ଏହାର ଉପର ଭାଗ ଚିକ୍ ଚିକ୍ କରୁଥିଲେ ମଧ୍ୟ ଏହା ଯେ ଶରୀର ପାଇଁ କେତେ କ୍ଷତିକାରକ ତାହା ଏବେବି ଅଧିକାଂଶ ଲୋକଙ୍କ ଅଗୋଚରରେ ରହିଛି। ଏ ପ୍ରକାର ଫଳ ନିୟମିତ ଖାଇଲେ ଫୁସ୍-ଫୁସ୍ ରେ ପାଣି ଜମିବା ସହ ସବୁଦିନ ପାଇଁ ଦୃଷ୍ଟି ଶକ୍ତି ହରାଇବାର ଆଶଙ୍କା ରହିଛି । ଶ୍ୱାସକ୍ରିୟା ଜନିତ ସମସ୍ୟା, ଗଳା ପ୍ରଦାହ, ଚର୍ମ ରୋଗ, ଛାତି ଏବଂ ତଳିପେଟ ଜଳାପୋଡା, ପାକସ୍ଥଳୀରେ ଘା, ଡାଇରିଆ, ବାନ୍ତି, ସ୍ନାୟୁଗତ ସମସ୍ୟା, ସ୍ମରଣ ଶକ୍ତି ହ୍ରାସ, ମାନ୍ଦା ପଣ ଏବଂ ବ୍ରେନ୍ ଟ୍ୟୁମର ଆଦି ଘାତକ ରୋଗ ହେବାର ସମ୍ଭାବନା ରହିଛି ।

ଏଭଳି ଏକ ଭୟଙ୍କର ଦୁର୍ଗତିରୁ ରକ୍ଷା ପାଇବାକୁ ହେଲେ ଫଳ ପଚାଇବା ପାଇଁ ବୈଜ୍ଞାନିକ ପଦ୍ଧତିରେ ନିର୍ମିତ ପାଚନ ଗୃହ(ରାଇପେନିଂ ଚ୍ୟାମ୍ବର) ସଂଖ୍ୟା ବଢାଇବାକୁ ପଡିବ । ଦେଶରେ ୯୧୩୧ଟି ରାଇପେନିଂ ଚ୍ୟାମ୍ବରର ଆବଶ୍ୟକତା ରହିଥିବାବେଳେ ଏବେ ମାତ୍ର ୮୧୨ଟିରେ ସୀମିତ ରହିଛି । ଏହି କାମ ପାଇଁ ୮ ରୁ ୧୦ ଜଣ କୁଶଳୀ ଶ୍ରମିକ ଆବଶ୍ୟକ । ସଂପ୍ରତି ଦେଶରେ ଥିବା ରାଇପେନିଂ ଚ୍ୟାମ୍ବର ଗୁଡିକରେ ଅଣକୁଶଳୀ ଶ୍ରମିକ କାର୍ଯ୍ୟ କରୁଥିବା ଯୋଗୁଁ ଫଳ ପଚାଇବା କାର୍ଯ୍ୟ ଠିକ୍ ଭାବେ ସଂପାଦିତ ହୋଇପାରୁନାହିଁ । ଏନ୍‌ସିସିଡିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପବନେକ୍ କୋହଲିଙ୍କ ମତରେ ରାଇପେନିଂ ଚ୍ୟାମ୍ବରରେ ପଚାଯାଉଥିବା ଫଳ ବେଶୀ ଦିନ ସୁରକ୍ଷିତ ରହିପାରିବ ନାହିଁ ଏବଂ ଅଧିକ ଦୂର ବାଟ ପରିବହନ ମଧ୍ୟ କରିହେବ ନାହିଁ । ବଜାର ନିକଟରେ ରାଇପେନିଂ ଚ୍ୟାମ୍ବର ଗୁଡିକ ନିର୍ମାଣ କରି ଏହି ଅସୁବିଧା ଦୂର କରାଯାଇପାରିବ । ଜନସଚେତନତା ମାଧ୍ୟମରେ କାଲସିୟମ୍ କାର୍ବାଇଡ ଦ୍ୱାରା ପକ୍ୱ ହେଉଥିବା ଫଳ ଖାଇବାରୁ ଲୋକଙ୍କୁ ନିବୃତ୍ତ କରାଯାଇପାରିବ ବୋଲି ଇଗ୍ନୋ କୃଷି ଶିକ୍ଷାର ନିର୍ଦ୍ଦେଶକ ଶୈଳେନ୍ଦ୍ର କୁମାର ଯାଦବ କହିଛନ୍ତି ।

# କୃଷି ଓ ଅଣକୃଷି କାର୍ଯ୍ୟ ପାଇଁ ପ୍ରୋତ୍ସାହନ

**ଉଦୟ ନାରାୟଣ ଦାସ, ଓ.ପ୍ର.ସେ**
**ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବାଲେଶ୍ୱର**




ଆମ ରାଜ୍ୟର ବାଲେଶ୍ୱର ଜିଲ୍ଲା କୃଷିଜାତ ଦ୍ରବ୍ୟ ଉତ୍ପାଦନରେ ଏକ ଅଗ୍ରଣୀ ଜିଲ୍ଲା ଭାବେ ପରିଚିତ । ଏହି ଜିଲ୍ଲାର ଚାଷୀମାନେ ବର୍ଷସାରା ଜମିରେ ଧାନ, ଗହମ, ମୁଗ, ବିରି, ସୋରିଷ ଆଦି ଫସଲ ଉପୁଜାଇବା ସାଙ୍ଗକୁ ନିଜ ଘରେ ଗାଇ, ଛେଳି, କୁକୁଡ଼ା ଆଦି ଗୃହପାଳିତ ପଶୁପକ୍ଷୀ ପାଳିଥାନ୍ତି । ଜମିରୁ ଉତ୍ପାଦିତ ଫସଲ ଅନେକଙ୍କ ପାଇଁ ଆହାର ଓ ରୋଜଗାରର ମାଧ୍ୟମ ହୋଇଥିବା ବେଳେ କେତେକଙ୍କ ପାଇଁ କଳାତ୍ମକ ସାମଗ୍ରୀ ପ୍ରସ୍ତୁତି ସକାଶେ ଉପାଦାନ ଯୋଗାଇଛି ।

ଓଉପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମପଞ୍ଚାୟତରେ ଥିବା ମା ଗାୟତ୍ରୀ ପ୍ୟାଡ଼ି କ୍ରାଫ୍ଟ ଉତ୍ପାଦନକାରୀ ଗୋଷ୍ଠୀରେ ମହିଳାମାନେ ସଂଘବଦ୍ଧ ହୋଇ ଧାନରେ ବିଭିନ୍ନ ଘରସଜ୍ଜା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି । ଯାହାଏବେ ସ୍ଥାନୀୟ ମହିଳାଙ୍କ ଜୀବନଜୀବିକାର ଉତ୍ସ ପାଲଟିଛି । ଗ୍ରାମପଞ୍ଚାୟତରେ ଥିବା ଛଅଟି ସ୍ୱୟଂ ସହାୟକ ଗୋଷ୍ଠୀର ୪୭ ଜଣ ମହିଳାଙ୍କ ପକ୍ଷରୁ ଏଥିପାଇଁ ମିଳିତ ଉଦ୍ୟମ ଆରମ୍ଭ ହୋଇଛି । ଓଡ଼ିଶା ଜୀବିକା ମିଶନ ଗୋଷ୍ଠୀର ଏହି ସଦସ୍ୟମାନଙ୍କୁ ଦୁଇଟି ପର୍ଯ୍ୟାୟରେ ୩ ଲକ୍ଷ ୫୦ ହଜାର ୫୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ପ୍ୟାଡ଼ି କ୍ରାଫ୍ଟରୁ ମା ଗାୟତ୍ରୀ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟ ଏବେ ମାସକୁ ୩୦୦୦ ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି ।

ପ୍ରାଣୀ ସମ୍ପଦରୁ ମଧ୍ୟ ଜୀବିକା ନିର୍ବାହକୁ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପ୍ରୋତ୍ସାହିତ କରାଯାଉଛି । ଜିଲ୍ଲାର ସମସ୍ତ ପ୍ରାଣୀମିତ୍ରଙ୍କୁ ତିନିଟି ପର୍ଯ୍ୟାୟରେ ପଶୁପାଳନ ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଛି । ପ୍ରାଣୀମିତ୍ରମାନେ ଲୋକଙ୍କୁ ଛୋଟ ଛୋଟ ପଶୁଙ୍କର ଟିକାକରଣ ବ୍ୟବସ୍ଥା କରିବା ସାଙ୍ଗକୁ ଅନ୍ୟାନ୍ୟ ବୈଷୟିକ ସହାୟତା ମଧ୍ୟ ଯୋଗାଇଦେଉଛନ୍ତି । ରାଜ୍ୟସରକାରଙ୍କ ମିଶନ ୨,୬୪ କାର୍ଯ୍ୟକ୍ରମକୁ ଫଳପ୍ରସୂ କରିବା ନିମନ୍ତେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରୟାସ ବାଲେଶ୍ୱର ଜିଲ୍ଲାରେ ବେଶ୍ ଜୋରସୋରରେ ଚାଲିଛି । ଜିଲ୍ଲାରେ ଥିବା ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନରେ ସମସ୍ତ ପ୍ରାଣୀମିତ୍ରଙ୍କୁ ଓଡ଼ିଶା ଜୀବିକା ମିଶନ ତରଫରୁ ପଶୁଙ୍କ ଲାଳନପାଳନ ସମ୍ବନ୍ଧରେ ଆବାସିକ ତାଲିମ ପ୍ରଦାନ କରାଯାଇଥିଲା । ତାଲିମ ସମ୍ବନ୍ଧୀୟ ପାଠ୍ୟକ୍ରମ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରସ୍ତୁତ କରିଥିଲେ । ବ୍ଲକ ଏବଂ ଜିଲ୍ଲାର ସମସ୍ତ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରାଣୀମିତ୍ରମାନଙ୍କୁ ପଶୁ ପାଳନ ସମ୍ବନ୍ଧରେ ତଥ୍ୟ ଭିତ୍ତିକ ଶିକ୍ଷା ଦେବା ସାଙ୍ଗକୁ ବ୍ୟାବହାରିକ ତାଲିମ ମଧ୍ୟ ପ୍ରଦାନ କରିଥିଲେ । କୁକୁଡ଼ାଙ୍କୁ ଟିକାକରଣ ସମ୍ବନ୍ଧରେ ପ୍ରାଣୀମିତ୍ରଙ୍କୁ ତାଲିମ ପ୍ରଦାନ ସେମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଥିଲା ।




ଓଡ଼ିଶା ଜୀବିକା ମିଶନ୍‌ର ରାଜ୍ୟ ନିର୍ଦ୍ଦେଶକ ଶ୍ରୀ ପ୍ରଣବଜ୍ୟୋତି ନାଥ ବାଲେଶ୍ୱର ଜିଲ୍ଲାରେ ଜୀବିକା ମିଶନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । କାର୍ଯ୍ୟକ୍ରମ ଫଳପ୍ରସୂ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ବିଭିନ୍ନ ପଦାଧିକାରୀଙ୍କୁ ସେ ଏହି ଅବସରରେ ସମ୍ବର୍ଦ୍ଧିତକରିଥିଲେ । ବ୍ୟାଙ୍କମିତ୍ରଙ୍କ ସାଙ୍ଗକୁ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ଅଧିକ ଆର୍ଥିକ ସହାୟତା ଦେଇଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକଙ୍କୁ ମଧ୍ୟ ଓଡ଼ିଶା ଜୀବିକା ମିଶନ ନିର୍ଦ୍ଦେଶକ ସାଧୁବାଦ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ ।

ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ବ୍ୟାଙ୍କ ସଂଯୋଗୀକରଣରେ ବାଲେଶ୍ୱର ଜିଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ଏଥିପାଇଁ ଡିଆରଡ଼ିଏର ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ସମ୍ମାନିତ ହୋଇଥିଲେ । କ୍ଷୁଦ୍ର ଚାଷୀଙ୍କୁ ସହାୟତା ପାଇଁ ସଦର ବ୍ଲକର କାଶୀପଦାଠାରେ ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘର ସାଧାରଣ ସୁବିଧା କେନ୍ଦ୍ର (ସିଏଫ୍‌ସି) ଓଡ଼ିଶା ଜୀବିକା ମିଶନ୍ ନିର୍ଦ୍ଦେଶକ ଉଦ୍‌ଘାଟନ କରିଥିଲେ । କୃଷି ଯାନ୍ତ୍ରିକୀକରଣରେ ଏହି କେନ୍ଦ୍ର ସହାୟକ ଭୂମିକା ଗ୍ରହଣ କରିବ । କୃଷିରେ ବ୍ୟବହୃତ ଯନ୍ତ୍ରପାତି ଏହି କେନ୍ଦ୍ରରେ ପ୍ରାୟ ୯୦୦ ଛୋଟ ଚାଷୀଙ୍କ ପାଇଁ ସୁଲଭ ଦରରେ ଉପଲବ୍ଧ ହେବ । କୃଷି ଯନ୍ତ୍ରାଂଶ ସଂଗ୍ରହକରିବା ପାଇଁ ଏହି ମହାସଂଘକୁ ୪୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

# ସମର୍ଥ ସମବାୟବିତ୍ ସରୋଜିନୀ

**ନାରୀ ଆଉ ଆଗଭଳି ଅବଳା ନୁହଁନ୍ତି । ସେ ଚାହିଁଲେ ନିଜ ଉଦ୍ୟମରେ ଯେ ଅନ୍ତର୍ନିହିତ ସାମର୍ଥ୍ୟର ବିକାଶ ଘଟାଇପାରନ୍ତି, ତାହାର ଜ୍ୱଳନ୍ତ ଉଦାହରଣ ସରୋଜିନୀ ମିଶ୍ର । ଘର ଚଳାଇବାକୁ ଦୁଇଟି ଜର୍ସି ଗାଈରୁ ଦୁଗ୍ଧ ବ୍ୟବସାୟ ଆରମ୍ଭ କରି ସେ ଏବେ ସାରା ଓଡ଼ିଶାର ଦୁଗ୍ଧ ଚାଷୀମାନଙ୍କୁ ଦିଗଦର୍ଶନ ଦେଉଛନ୍ତି 'ଓମ୍‌ଫେଡ୍'ର ଅଧକ୍ଷ ଭାବରେ ।**



କଟକ ଜିଲ୍ଲା କଣ୍ଠାପଡା ବ୍ଲକରେ ଥିବା ପାଟସୁନ୍ଦରପୁର ପଞ୍ଚାୟତ ଅନ୍ତର୍ଗତ ଭୋଦଳ ଗାଁର ସରୋଜିନୀ ଏବେ ଜଣେ ସଫଳ ମହିଳା ଚାଷୀ । ସେ ଏକାଧାରାରେ ଜଣେ ସମାଜସେବୀ, ସମବାୟ ଆନ୍ଦୋଳନର ନେତ୍ରୀ ଓ ରାଜନେତ୍ରୀ । ସେ ଜିଲ୍ଲାପରିଷଦ ସଦସ୍ୟା ଭାବେ ୨ଥର ନିର୍ବାଚିତ ହୋଇ ନିଜ ଦାୟିତ୍ୱ ସୂଚାରୁରୂପେ ତୁଲାଇ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି । ସରୋଜିନୀ ଛୁଆଁ, ଅଛୁଆଁ ଭେଦଭାବର ମଧ ଘୋର ବିରୋଧୀ । ଦୁଇ ପୁଅଙ୍କୁ ଭିନ୍ନ ଜାତିରେ ବିନା ଯୌତୁକରେ ବିବାହ କରାଇଛନ୍ତି ସେ ।

ବାହାଘରର ଅଳ୍ପ କିଛି ବର୍ଷ ପରେ ସ୍ୱାମୀ ସତ୍ୟବାଦୀ ମିଶ୍ର ମାତ୍ର ୨୬ ବର୍ଷ ବୟସରେ ଏକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଲେ । ନିଜର ଦୁଇ ପିଲା ଓ ବୟସ୍କ ଶାଶୁ, ଶ୍ୱଶୁରଙ୍କର ଦାୟିତ୍ୱର ଭାର ପଡ଼ିଲା ସରୋଜିନୀଙ୍କ ଉପରେ । ରକ୍ଷଣଶୀଳ ସମାଜକୁ ଖାତିର ନକରି ଘର ଏରୁଣ୍ଡିବନ୍ଧ ଡେଇଁଲେ ସେ । ନିଜ ଜମିର ଦେଖାଶୁଣା କରି ଚାଷ କାମରେ ମନ ବଳାଇଲେ । ଚାଷରୁ ଯାହା ଉତ୍ପାଦନ ହୁଏ ନିଜେ ଖାଇବା ସହ ବଳକା ଖାଦ୍ୟଶସ୍ୟ ଓ ପନିପରିବା ବଜାରରେ ବିକ୍ରି କରି ପରିବାରର ଖର୍ଚ୍ଚ ବହନ କରୁଥିଲେ । ଦୁଇ ପୁଅ ଦିନକୁ ଦିନ ବଡ ହେବା ସହ ସେମାନଙ୍କର ପାଠପଢା ଓ ଶାଶୁ, ଶ୍ୱଶୁରଙ୍କର ଔଷଧପତ୍ର ଖର୍ଚ୍ଚ ବଢିବାକୁ ଲାଗିଲା । ଫଳରେ ଚାଷବାସରୁ ଉପାର୍ଜିତ ଅର୍ଥରେ ଏସବୁ ଖର୍ଚ୍ଚ ଭରଣା କରିବା ସମ୍ଭବ ହେଲାନି ।

ଗାଁ ଲୋକଙ୍କ ପରାମର୍ଶ କ୍ରମେ ସେ ପ୍ରଥମେ ଦୁଇଟି ଜର୍ସି ଗାଈ ରଖି ଗୋପାଳନ ଆରମ୍ଭ କଲେ । ଦୁଗ୍ଧ ବିକ୍ରିରୁ ଲାଭ ଦେଖି ବ୍ୟବସାୟିକ ଭିତ୍ତିରେ ଉତ୍ପାଦନ ବଢ଼ାଇବାକୁ ସ୍ଥିର କଲେ । ପରେ ଡିଆଇସି ଋଣ ପାଇ ସେ ୧୮ଟି ଗାଈ କିଣିଲେ । ୧୯୮୬ ନଭେମ୍ବର ମାସରେ ଭୋଦଳ ଗାଁର ଦୁଗ୍ଧ ଉତ୍ପାଦନ କରୁଥିବା କିଛି ଚାଷୀଙ୍କୁ ନେଇ ସେ ଏକ ପ୍ରାଥମିକ ଦୁଗ୍ଧ ଉତ୍ପାଦନକାରୀ ସମବାୟ ସମିତି ଗଠନ କଲେ, ଯହିଁରେ ସେ ଥିଲେ ଏକ ମାତ୍ର ମହିଳା ସଦସ୍ୟା ।

୧୯୮୯ରେ ଓଡ଼ିଶାର ପ୍ରଥମ ମହିଳା ଦୁଗ୍ଧ ଉତ୍ପାଦନ ସମବାୟ ସମିତି ପାଟସୁନ୍ଦରପୁର ପଞ୍ଚାୟତର ଭୋଦଳ ଗାଁରେ ଗଠିତ ହେଲା ସରୋଜିନୀଙ୍କ ନେତୃତ୍ୱରେ । ଏବେ ୨୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ନେଇ ସମୁଦାୟ ୩୦୨ ଜଣ ମହିଳା ଏଥିରେ ସମ୍ପୃକ୍ତ ଅଛନ୍ତି । ଓମ୍‌ଫେଡ୍ ଗାଡ଼ି ପ୍ରତିଦିନ ଗାଁକୁ ଆସି ଏହି ସମିତିରୁ ଦୈନିକ ୧୦୦୦ରୁ ୧୨୦୦ ଲିଟର କ୍ଷୀର ନେଇଯାଉଛି ଏହି ସମିତିରୁ ।

କଟକ, ଜଗତସିଂପୁର, କେନ୍ଦ୍ରାପଡ଼ା ଓ ଯାଜପୁର ୪ଟି ଜିଲ୍ଲାକୁ ନେଇ ଗଠିତ କଟକ ମିଲ୍କ ୟୁନିୟନରେ ସଭାପତି ଅଛନ୍ତି ସରୋଜିନୀ । ଏହି ୟୁନିୟନରେ ସମ୍ପୃକ୍ତ ଥିବା ୯୪ ହଜାର ଚାଷୀଙ୍କ ମଧ୍ୟରେ ୩୭ ହଜାର ମହିଳା ଅଛନ୍ତି । ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସମବାୟ ସମିତି ଜରିଆରେ ଚାଷୀଙ୍କ ପାଇଁ ବିଭିନ୍ନ ତାଲିମ ପ୍ରଦାନରେ ସେ ଅଗ୍ରଣୀ ଭୂମିକା ନେଇଥାନ୍ତି । ତାଙ୍କ ମତରେ ଉପଯୁକ୍ତ ତାଲିମ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଓ ଏଥିରେ ସମ୍ପୃକ୍ତ ଚାଷୀଙ୍କ ଉପାର୍ଜନ ବଢ଼ାଇଥାଏ । କଟକ ୟୁନିୟନ ମାଧ୍ୟମରେ ଏବେ ଓମଫେଡ଼ ପ୍ରତିଦିନ ୩ ଲକ୍ଷ ୪୦ ହଜାର ଲିଟର ଦୁଗ୍ଧ ସଂଗ୍ରହ କରୁଛି ।

ସମବାୟ ଆନ୍ଦୋଳନ ଜରିଆରେ ଅନନ୍ୟ ସଫଳତା ହାସଲ କରିଥିବା ସରୋଜିନୀଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ପୁରସ୍କୃତ କରାଯାଇଛି । ମହିଳା ଦୁଗ୍ଧ ଚାଷୀଙ୍କ ପ୍ରତିନିଧି ଭାବେ ସେ ବିଭିନ୍ନ ରାଜ୍ୟରେ ସମବାୟ ମାଧ୍ୟମରେ ହେଉଥିବା ଶ୍ୱେତ ବିପ୍ଳବକୁ ଅନୁଧ୍ୟାନ କରିଛନ୍ତି ।

କଣ୍ଠାପଡା ବ୍ଲକ କିମ୍ବା କଟକ ମିଲ୍କ ୟୁନିୟନରେ ସୀମିତ ହୋଇ ରହିନାହିଁ ସରୋଜିନୀଙ୍କର କାର୍ଯ୍ୟ ପରିସର । ବିନା ପ୍ରତିଦ୍ୱନ୍ଦିତାରେ ସେ ଏବେ ନିର୍ବାଚିତ ହୋଇଛନ୍ତି 'ଓମଫେଡ୍'ର ଅଧକ୍ଷ ଭାବରେ । ଏହି ଗୁରୁଦାୟିତ୍ୱ ନେବା ପରେ ସରୋଜିନୀ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ବିଶେଷ ପ୍ରୟାସ ଆରମ୍ଭ କରିଛନ୍ତି । କଟକ ଜିଲ୍ଲା ବାରଙ୍ଗ ନିକଟସ୍ଥ ଅରିଲୋ ଠାରେ ରାଜ୍ୟ ସରକାରଙ୍କ ସହାୟତାରେ ୫୧ ଏକର ପରିମିତ ସ୍ଥାନରେ ୫ ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ଓମଫେଡ଼ର ଏକ ପ୍ଲାଣ୍ଟ ସ୍ଥାପନ କରାଯାଇଛି । ୨୦୧୯ ସୁଦ୍ଧା ଏହି ପ୍ଲାଣ୍ଟର ଉତ୍ପାଦନ କ୍ଷମତା ୧୦ ଲକ୍ଷ ଲିଟରକୁ ବଢ଼ାଇବା ପାଇଁ ତାଙ୍କର ଯୋଜନା ରହିଛି ।

ଗୋପାଳନରୁ ଚାଷୀଙ୍କର ଉପାର୍ଜନ ବଢାଇବା ପାଇଁ ସରୋଜିନୀ ଅଳ୍ପ ଖର୍ଚ୍ଚରେ ଘାସ ଚାଷକୁ ପ୍ରାଧାନ୍ୟ ଦେବାକୁ ସର୍ବଦା ଚାଷୀଙ୍କୁ ପ୍ରୋତ୍ସାହିତ କରିଥାନ୍ତି । ତାଙ୍କର ଲକ୍ଷ୍ୟ ରହିଛି ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବଢାଇ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରାଇବା ।

ସ୍କୁଲ ଏବଂ ଅଙ୍ଗନୱାଡ଼ି ପିଲାଙ୍କୁ ଖାଦ୍ୟ ସହ କ୍ଷୀର ଯୋଗାଇବାକୁ ମତ ଦିଅନ୍ତି ସରୋଜିନୀ । ସରକାରୀ ସ୍ତରରୁ ଏଥିଲାଗି ସହଯୋଗ ମିଳିଲେ ଏକ ପକ୍ଷରେ ପିଲାଙ୍କ ପୁଷ୍ଟିହୀନତା ହ୍ରାସ ପାଇବ ଓ ଅନ୍ୟ ପକ୍ଷରେ ଦୁଗ୍ଧଚାଷୀଙ୍କ ଉପାର୍ଜନ ବଢ଼ିବ । ଏଥିଲାଗି ସେ ସରକାରଙ୍କୁ ପ୍ରସ୍ତାବ ଦେବା ସହ ବିଭିନ୍ନ ସମୟରେ ଆଲୋଚନା ଜାରି ରଖିଛନ୍ତି ।

ଜୀବନର ବହୁ ଘାତ ପ୍ରତିଘାତ ଓ ସଂଘାତ ମଧ୍ୟରେ ନିଜେ ସଫଳ ହେବା ସହ ଅନେକ ପରିବାରର ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିପାରିଥିବା ସରୋଜିନୀ ଯଥାର୍ଥରେ ପରିବର୍ତ୍ତନର ବାର୍ତ୍ତାବହ ଓ ପ୍ରେରଣାର ଉତ୍ସ ।

ଦୁଗ୍ଧଚାଷୀଙ୍କ ସାମର୍ଥ୍ୟବୃଦ୍ଧି ପାଇଁ ସରୋଜିନୀ ମିଶ୍ରଙ୍କ ଆଭିମୁଖ୍ୟ ସମ୍ପର୍କିତ ଭିଡିଓ ଦେଖିବାକୁ ଏହି QR Code ସ୍କାନ୍ କରନ୍ତୁ

# ଆତ୍ମନିଯୁକ୍ତି ଓ ଦକ୍ଷତା ତାଲିମ



ଲୋକସଂଖ୍ୟା ଦୃଷ୍ଟିରୁ ଭାରତର ସ୍ଥାନ ବିଶ୍ୱରେ ଦ୍ୱିତୀୟ । ବିଶାଳ ଯୁବଶକ୍ତିର ଶକ୍ତି ଓ ସାମର୍ଥ୍ୟକୁ ଭିତ୍ତି କରି ଏକ ସମୃଦ୍ଧ ଭାରତ ଗଠନ କରାଯାଇପାରିବ । ଯୁବଶକ୍ତିକୁ ଦକ୍ଷତା ବିକାଶ ତାଲିମ ଦେଇ ସ୍ୱାବଲମ୍ବୀ କରିବାର ପ୍ରୟାସ ଆରମ୍ଭ କରିଥିଲେ ପଦ୍ମବିଭୂଷଣ ବୀରେନ୍ଦ୍ର ହେଗଡେ । ଏବେ ଦେଶର ପ୍ରତ୍ୟେକ ଜିଲ୍ଲାରେ ବ୍ୟାଙ୍କମାନଙ୍କ ତରଫରୁ ଗୋଟିଏ ଗୋଟିଏ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ଖୋଲାଯାଇଛି । ଏ କାର୍ଯ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇଦିଅନ୍ତି । ମାଗଣାରେ ରହିବା, ଖାଇବା ଓ ତାଲିମ ନେବାର ବ୍ୟବସ୍ଥା ମାଧ୍ୟମରେ ଯୁବଶକ୍ତିକୁ ତାଲିମ ଦେଇ ଉପାର୍ଜନକ୍ଷମ କରିବା ହେଲା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ।

ଆମ ରାଜ୍ୟରେ ଯୁବଶକ୍ତିଙ୍କ ସଫଳତାର ଉତ୍ସ ଭାବେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି ଦେବଗଡ ଜିଲ୍ଲା ସେଣ୍ଟ୍ରାଲ ବ୍ୟାଙ୍କ ତରଫରୁ ଆରମ୍ଭ ହୋଇଥିବା ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ । ଏଠାରେ ଟେଲରିଂ, ରାଜ ମିସ୍ତ୍ରୀ, ପାଣିପାଇପ୍ ମିସ୍ତ୍ରୀ, ଛେଳି, ଗୋପାଳନ ଓ ବହୁବିଧ ଉନ୍ନତ କୃଷିପ୍ରଣାଳୀ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଏ । ଭାରତ ସରକାର ଓ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ସହାୟତାରେ ପ୍ରଶିକ୍ଷଣ ବ୍ୟବସ୍ଥା ପରିଚାଳିତ ହେଉଛି । ଏଯାବତ୍ ଜିଲ୍ଲାର ୨୮୭୪ ଜଣ ତାଲିମ ନେଇ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ହୋଇଛନ୍ତି ।

ଦେବଗଡ ଜିଲ୍ଲାର ତିଲେଇବଣି ବ୍ଲକ ଅଧୀନସ୍ଥ କେନ୍ଦେଇଜୁରୀ ଗ୍ରାମପଞ୍ଚାୟତର ରୀନା ଦ୍ୱିବେଦୀ ଏହି ପ୍ରତିଷ୍ଠାନରୁ ତାଲିମ ନେଇ ୨୦୧୪ ମସିହା ଏପ୍ରିଲ ମାସରେ ଗୋପାଳନ ଆରମ୍ଭ କରିଥିଲେ । ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦେବଗଡ ଶାଖାରୁ ଋଣ ଆକାରରେ ପାଇଥିବା ଟଙ୍କାକୁ ଗୋପାଳନରେ ବିନିଯୋଗ କରି ସେ ଏବେ ମାସକୁ ୮ ରୁ ୧୦ ହଜାର ଟଙ୍କା ରୋଜଗାର କରୁଛନ୍ତି । ବାରକୋଟ ବ୍ଲକର ଗୋପପୁର ଗ୍ରାମର ଶ୍ରୀମତୀ ରେବତୀ ସାହୁ ଡ୍ରେସ ଡିଜାଇନିଂ ତାଲିମ ନେଇ ବାହାଡାପୋଷି ଛକରେ ଏକ ଡ୍ରେସ୍ ବୁଟିକ୍ ଖୋଲିଛନ୍ତି । ସେ ନିଜେ ଆତ୍ମନିର୍ଭରଶୀଳ ହେବା ସହ ୬ ଜଣ ଝିଅଙ୍କ ରୋଜଗାରର ମାଧ୍ୟମ ସାଜିଛନ୍ତି । ବାରକୋଟ ବ୍ଲକ୍ ଅଧୀନସ୍ଥ କଣ୍ଢେଳ ଗ୍ରାମର ଶ୍ରୀ କ୍ଷେତ୍ରବାସୀ ବେହେରା ସେଣ୍ଟ୍ରାଲ ବ୍ୟାଙ୍କ ପ୍ରାୟୋଜିତ ଏହି ପ୍ରଶିକ୍ଷଣ କେନ୍ଦ୍ରରୁ ତାଲିମ ନେଇ ଗାଁ ଛକରେ ଏକ ମୋବାଇଲ ମରାମତି ଦୋକାନ କରିଛନ୍ତି । ସେ ଦିନକୁ ୮ ଶହରୁ ହଜାରେ ଟଙ୍କା ରୋଜଗାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ।

# ଆଶାର ଆଲୋକ ଆଶିଷ

ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅନ୍ତର୍ଗତ କନ୍ହେଇପାଲି ଗାଁର ଆଶିଷ କୁମାର ପ୍ରଧାନ । ବାପ, ଅଜା ଅମଳରୁ ଅଢେଇ ଏକର ଜମି ଥିଲେ ମଧ୍ୟ ମାଟିର ଉର୍ବରତା କମ୍ ଥିବାରୁ ଚାଷ ସେତେଟା ଭଲ ହେଉନଥିଲା । ଆଶିଷଙ୍କ ବାପା ଦିନ ରାତି ଚାଷକାମରେ ଜମିରେ ଲାଗିରହୁଥିଲେ । ଋତୁକାଳୀନ ଚାଷକୁ ଛାଡି ଆୟର ଆଉ କୌଣସି ମାଧ୍ୟମ ନଥିଲା । ଚାଷ କାମ ସରିଲାପରେ ଖାଲିରେ ଘରେ ବସିବାକୁ ପଡୁଥିଲା । କୃଷିକାର୍ଯ୍ୟରୁ ଉପାର୍ଜିତ ସ୍ୱଳ୍ପ ଆୟରେ ଘର ଚଳାଇବା ଥିଲା ଦୁରୂହ ବ୍ୟାପାର । ଆର୍ଥିକ ଦୁରବସ୍ଥା ଯୋଗୁଁ ସ୍ନାତକର ଦ୍ୱିତୀୟ ବର୍ଷରୁ ହିଁ ଆଶିଷଙ୍କର ପାଠପଢାରେ ଡୋରି ବନ୍ଧା ଗଲା । ନିଜେ ଚଳିବା ସହ ଘର ଲୋକଙ୍କୁ କିଛି ଆର୍ଥିକ ସାହାଯ୍ୟ କରିବା ପାଇଁ ସେ ଏକ ମୋବାଇଲ ରିପ୍ୟାରିଂ ଦୋକାନରେ ମାସକୁ ୩୦୦୦ ଟଙ୍କା ଦରମାରେ କାମ କରିବା ଆରମ୍ଭ କଲେ । କିନ୍ତୁ ମାସକୁ ମାତ୍ର ୩୦୦୦ ଟଙ୍କା ଦରମାରେ ନିଜେ ଚଳି ଘର ଲୋକଙ୍କୁ ସାହାଯ୍ୟ କରିବା ସମ୍ଭବ ନଥିଲା । ତେଣୁ ସେ ଚାକିରି ଛାଡି ମାସିକ ୪୦୦୦ ଟଙ୍କା ଦରମାରେ କେବୁଲ ଅପରେଟର ଭାବେ କାମ କଲେ । ତଥାପି ଏତିକି ଟଙ୍କାରେ ଭାଇ, ଭଉଣୀଙ୍କ ପଢା ଖର୍ଚ୍ଚ ବହନ କରି ହେଲାନି । କ'ଣ କରିବେ କ'ଣ ନ କରିବେ କିଛି ଚିନ୍ତା କରିପାରିଲେନି ଆଶିଷ । ବୁଡି ଯାଉଥିବା ଲୋକର କୁଟାଖିଅକୁ ଆଶ୍ରା ଭଳି ଦିନେ ହଠାତ୍ ସାଙ୍ଗମାନଙ୍କ ଠାରୁ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ସମ୍ପର୍କରେ ଜାଣିବାକୁ ପାଇଲେ । ବରଗଡଠାରେ ଥିବା ଏହି ତାଲିମ ପ୍ରତିଷ୍ଠାନରେ ଆଶିଷ ନିୟମିତ ତାଲିମ ନେବା ପାଇଁ ମନ ସ୍ଥିର କଲେ । ତାଲିମ କେନ୍ଦ୍ରରେ କଷ୍ଟିଂ, ମାର୍କେଟିଂ ମ୍ୟାନେଜମେଣ୍ଟ, କମ୍ୟୁନିକେସନ ସ୍କିଲ୍ ସମ୍ବନ୍ଧରେ ସଫଳତାର ସହ ତାଲିମ ନେବା ପରେ ସେ ଏବେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି ।

ସାଙ୍ଗ ଓ ସମ୍ପର୍କୀୟଙ୍କ ପାଖରୁ କିଛି ସାହାଯ୍ୟ ନେଇ ନିଜସ୍ୱ ଉଦ୍ୟମରେ ଆରମ୍ଭ କଲେ ଏକ ମୋବାଇଲ ଦୋକାନ । ଅଞ୍ଚଳର ସମସ୍ତ ଯୁବକଙ୍କ ସହ ସୁସମ୍ପର୍କ ରଖିବା ଫଳରେ ଦୋକାନରେ ଗ୍ରାହକଙ୍କ ସଂଖ୍ୟା ବଢିବାକୁ ଲାଗିଲା । ଏହି ଦୋକାନରୁ ମାସକୁ ପାଖାପାଖି ୨୦ ହଜାର ଟଙ୍କା ରୋଜଗାର କରିପାରୁଛନ୍ତି । ତାଲିମ ମାଧ୍ୟମରେ ନିଜକୁ ସ୍ୱାବଲମ୍ବୀ କରିଥିବା ଆଶିଷଙ୍କୁ ନିଷ୍ଠାପର ଉଦ୍ୟମହିଁ ସଫଳତା ଆଣି ଦେଇଛି ।



**ତୃଣମୂଳ ସ୍ତରରେ ଲୋକେ ନିଜ ଗାଁ ପାଇଁ ନିଜ ଯୋଜନା ପ୍ରସ୍ତୁତ କରିବା ସକାଶେ ଥିବା ନିୟମ ଓ ବ୍ୟବସ୍ଥାକୁ ଅନୁସରଣ କରି କାର୍ଯ୍ୟ କଲେ ଆଦର୍ଶ ଗ୍ରାମ ତଥା ପଞ୍ଚାୟତ ସୃଷ୍ଟିରେ ତାହା ସହାୟକ ହେବ ।**

# ଆମ ଗାଁ ଆମ ଯୋଜନା

### ଲକ୍ଷ୍ୟ ଓ ଉଦ୍ଦେଶ୍ୟ

- ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ସ୍ଥାନୀୟ ଅଞ୍ଚଳର ବିକାଶ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଗ୍ରାମପଞ୍ଚାୟତର ଦାୟିତ୍ୱ ।
- ଗ୍ରାମାଞ୍ଚଳରେ ବିଭିନ୍ନ ସେବା ଯୋଗାଇଦେବା ସକାଶେ ଆଗାମୀ ୫ ବର୍ଷ ପାଇଁ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗ ଓ ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ସୁପାରିଶ ଆଧାରରେ ଆର୍ଥିକ ଅନୁଦାନ ପ୍ରଦାନର ବ୍ୟବସ୍ଥା କରାଯାଇଛି । ଏହା ଗ୍ରାମପଞ୍ଚାୟତଗୁଡ଼ିକୁ ନିଜସ୍ୱ ସମ୍ବଳ ବୃଦ୍ଧି ସହିତ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ସୃଷ୍ଟି କରିବ ।
- ମିଳୁଥିବା ଅନୁଦାନର ସମୟୋଚିତ ସଦୁପଯୋଗ ପାଇଁ ଜନସାଧାରଣଙ୍କ ସକ୍ରିୟ ସହଭାଗିତାରେ ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ।
- ଗ୍ରାମୀଣ ଭିତ୍ତିଭୂମି ବିକାଶ, ହାଟ ବଜାର ଉନ୍ନତି, ପିଇବା ପାଣି ଯୋଗାଣ, ପରିମଳ, ରାସ୍ତା ଆଲୋକୀକରଣ, ଚାରା ରୋପଣ, ଗରିବଙ୍କ ପାଇଁ ଜୀବିକା ଓ ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କ ନିମନ୍ତେ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ କ୍ଷେତ୍ରରେ ବାର୍ଷିକ ଯୋଜନା ପ୍ରସ୍ତୁତି ।
- ଯୋଜନା ପ୍ରସ୍ତୁତିରେ ଲୋକଙ୍କ ସଂପୃକ୍ତି ରହିଲେ ସଠିକ୍ ପ୍ରକଳ୍ପ ଚୟନ ଓ ଅର୍ଥର ସୁବିନିଯୋଗ କରାଯାଇ ପାରିବ ।

### ଗ୍ରାମପଞ୍ଚାୟତ ବିକାଶ ଯୋଜନାର ମୁଖ୍ୟ ଉପାଦାନ

(କ) ଯୋଜନା ପ୍ରସ୍ତୁତିରେ ଜନଭାଗିଦାରୀତା ବୃଦ୍ଧି

(ଖ) ଗ୍ରାମପଞ୍ଚାୟତସ୍ତରରେ ଉପଲବ୍ଧ ସମ୍ବଳର ଚିହ୍ନଟ

(ଗ) ସବିଶେଷ ଆଲୋଚନା ଓ ସହଭାଗିତାରେ ଯୋଜନା ପ୍ରସ୍ତୁତି

(ଘ) ଗ୍ରାମପଞ୍ଚାୟତ ଦ୍ୱାରା ପ୍ରସ୍ତୁତ ଯୋଜନା ଗ୍ରାମସଭା ଦ୍ୱାରା ଅନୁମୋଦନ

(ଙ) ପ୍ରକଳ୍ପଗୁଡ଼ିକର ବୈଷୟିକ ଓ ପ୍ରଶାସନିକ ଅନୁମୋଦନ

(ଚ) ଅନୁମୋଦିତ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା

### ଗ୍ରାମପଞ୍ଚାୟତକୁ ମିଳୁଥିବା ଆର୍ଥିକ ଅନୁଦାନର ଉତ୍ସ

(କ) କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ

(ଖ) ରାଜ୍ୟ ଅର୍ଥ ଆୟୋଗ ଅନୁଦାନ

(ଗ) ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନୁଦାନ ରାଶିରେ ଗ୍ରାମପଞ୍ଚାୟତର ଅଂଶ

(ଘ) ଗ୍ରାମପଞ୍ଚାୟତର ନିଜସ୍ୱ ସମ୍ବଳ

(ଙ) ଉପଲବ୍ଧ ଅନ୍ୟାନ୍ୟ ଖୋଲାପାଣ୍ଠି(Untied)

(ଚ) ହିତାଧିକାରୀମାନଙ୍କ ଦାନ

(ଛ) କେନ୍ଦ୍ରୀୟ ଯୋଜନା ଓ ରାଜ୍ୟ ଯୋଜନାରୁ ମିଳୁଥିବା ଅନ୍ୟାନ୍ୟ ଅନୁଦାନ

### ବିକାଶ ଯୋଜନା ପ୍ରସ୍ତୁତି ପାଇଁ ବାତାବରଣ ସୃଷ୍ଟି

(କ) ଜିଲ୍ଲା ସଂସ୍କୃତି ପରିଷଦ,ସ୍ଥାନୀୟ କଳାକାର ଓ ଆଞ୍ଚଳିକ ଲୋକଗୀତ ମାଧ୍ୟମରେ ଯୋଜନାର ପ୍ରଚାର ଓ ପ୍ରସାର

(ଖ) ଏହି ଅଭିଯାନକୁ ବ୍ୟାପକ କରିବା ପାଇଁ ମାଇକ୍, ବ୍ୟାନର, ନୋଟିସ୍ ବୋର୍ଡ, ପ୍ରଚାରପତ୍ର ବଣ୍ଟନ ବ୍ୟବହାର

(ଗ) ପଲ୍ଲୀସଭା ଓ ଗ୍ରାମସଭାରେ ମହିଳାଙ୍କ ସମେତ ସବୁ ବର୍ଗର ଲୋକମାନଙ୍କର ଅଂଶ ଗହ୍ରଣକୁ ଗ୍ରାମପଞ୍ଚାୟତ କର୍ମଚାରୀ ଓ ନିର୍ବାଚିତ ପ୍ରତିନିଧିମାନେ ନିଶ୍ଚିତ କରାଇବେ

### ବିକାଶ ଯୋଜନା କାର୍ଯ୍ୟକାରୀ ପୂର୍ବରୁ ପ୍ରସ୍ତୁତି ବୈଠକ

(କ) ଯୋଜନା ପ୍ରସ୍ତୁତିର ସମସ୍ତ କାର୍ଯ୍ୟକ୍ରମଗୁଡ଼ିକର ପରିଚାଳନା ନିମନ୍ତେ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକରେ ବି.ଡ଼ି.ଓ. ସଭାପତିତ୍ୱ କରିବେ

(ଖ) ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିକୁ ଆଗକୁ ବଢ଼ାଇବା ପାଇଁ ବି.ଡ଼ି.ଓ.ଙ୍କ ଦ୍ୱାରା ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧି, ସ୍ୱୟଂ ସହାୟକ ଦଳ / ମହିଳା ସଂଘ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଓ ସ୍ୱାସ୍ଥ୍ୟ ବିଭାଗକର୍ମଚାରୀ ଏବଂ ଗୋଷ୍ଠୀସ୍ତରର ଅନ୍ୟାନ୍ୟ କର୍ମକର୍ତ୍ତାମାନଙ୍କୁ ନେଇ ବ୍ଲକ୍ସ୍ତରରେ ସ୍ୱତନ୍ତ୍ର ବୈଠକ ଡକାଯିବ

(ଗ) ଯୋଜନା ପ୍ରସ୍ତୁତିରେ ସହଯୋଗ ପାଇଁ ବି.ଡ଼ି.ଓ. ସମସ୍ତଙ୍କୁ ଅନୁରୋଧ କରିବେ, ଯାହାଦ୍ୱାରା ପ୍ରତ୍ୟେକସ୍ତରର ଆବଶ୍ୟକତାକୁ ସଠିକ ଭାବରେ ଆକଳନ କରାଯାଇପାରିବ

(ଘ) ଗ୍ରାମପଞ୍ଚାୟତସ୍ତରୀୟ ବିକାଶ ଯୋଜନା ପ୍ରସ୍ତୁତି ପାଇଁ ସରପଞ୍ଚ, ନିର୍ବାଚିତ ସଭ୍ୟ, ପୂର୍ବତନ ପଞ୍ଚାୟତସଭ୍ୟ, ୱାର୍ଡମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ସଂଘ, ଅଙ୍ଗନୱାଡ଼ି ଓ ଆଶାକର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ କରିବେ ।

(ଙ) ବିକାଶ ଯୋଜନା ପ୍ରସ୍ତୁତିର ପ୍ରତ୍ୟେକ ବିଷୟକୁ ସମସ୍ତ ଅଂଶୀଦାରମାନଙ୍କ ମଧ୍ୟରେ ଆଲୋଚନା କରାଯିବ

(ଚ) ସମସ୍ତ ବର୍ଗର ଜନସାଧାରଣଙ୍କ ଆବଶ୍ୟକତା ପୂରଣ ସକାଶେ ସମସ୍ତଙ୍କ ସହଯୋଗ ପାଇଁ ସରପଞ୍ଚ ଅନୁରୋଧ କରିବେ

### ବିଭିନ୍ନ ସ୍ତରରେ ଦାୟିତ୍ୱ

- ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଜିଲ୍ଲାର ବ୍ଲକୱାରୀ ବିକାଶ ଯୋଜନା ପ୍ରସ୍ତୁତି କାର୍ଯ୍ୟର ତଦାରଖ ଦାୟିତ୍ୱ ପ୍ରଦାନ
- ବ୍ଲକସ୍ତରୀୟ ଅଧିକାରୀଙ୍କୁ ଗ୍ରାମପଞ୍ଚାୟତଗୁଡ଼ିକର ଯୋଜନା କାର୍ଯ୍ୟ ତଦାରଖ ପାଇଁ ନୋଡାଲ୍ ଅଧିକାରୀ ରୂପେ ମନୋନୀତ କରାଯିବ



## ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିର ସମୟ ସାରଣୀ

| କେବେ କ'ଣ କରିବାକୁ ହେବ | ତାରିଖ |
|---|---|
| **୧. ଗ୍ରାମପଞ୍ଚାୟତ ଯୋଜନା ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ** | ୧୫ ଅଗଷ୍ଟ |
| **୨. ସହଭାଗୀ ଯୋଜନା ପ୍ରକ୍ରିୟାରେ ଗ୍ରାମରେ ଯୋଜନା ପ୍ରସ୍ତୁତିକାରୀ ଦଳ (GP Planning Unit)ଙ୍କ ଦ୍ୱାରା ଜନସାଧାରଣଙ୍କର ପ୍ରକୃତ ଆବଶ୍ୟକତା ଚିହ୍ନଟ** | ୧୬ ଅଗଷ୍ଟ - ୧୪ ସେପ୍ଟେମ୍ବର |
| **୩. ଆଗାମୀ ବର୍ଷ ପାଇଁ ମହାତ୍ମାଗାନ୍ଧି ନରେଗା ଯୋଜନାରେ ସମ୍ଭାବ୍ୟ ଶ୍ରମ ଦିବସ ସୃଷ୍ଟିର ଆକଳନ**<br>■ ମହାତ୍ମାଗାନ୍ଧି ନରେଗା ଯୋଜନାରେ ସାମୂହିକ ଓ ବ୍ୟକ୍ତିଗତ ଆବଶ୍ୟକତାକୁ ଭିତ୍ତିକରି ପ୍ରକଳ୍ପ ଚିହ୍ନଟ<br>■ ଅର୍ଥକମିଶନ ଅନୁଦାନରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପ ସମୂହର ଚିହ୍ନଟ | ୧୫-୨୫ ସେପ୍ଟେମ୍ବର |
| **୪. ଗ୍ରାମପଞ୍ଚାୟତର ଅନ୍ୟାନ୍ୟ ପ୍ରକଳ୍ପ ଚିହ୍ନଟ**<br>■ ଆମ ଗାଁ ଆମ ଯୋଜନାର ବାର୍ଷିକ କାର୍ଯ୍ୟ ଖସଡ଼ାର ଗ୍ରାମସଭାରେ ଅନୁମୋଦନପ୍ରକ୍ରିୟା | ୨ ଅକ୍ଟୋବରରୁ ୩୧ ଜାନୁୟାରୀ |
| ■ ଏମ୍.ଜି.ଏନ୍.ଆର୍.ଇ.ଜି.ଏ.ର ପ୍ରକଳ୍ପଗୁଡ଼ିକୁ ଏକତ୍ରିତ କରି ପଞ୍ଚାୟତ ସମିତିକୁ ପ୍ରେରଣ | ଡ଼ିସେମ୍ବର ୫ |
| ■ ପଞ୍ଚାୟତ ସମିତି ଦ୍ୱାରା ସଂକଳିତ ହୋଇ ସମସ୍ତ କାର୍ଯ୍ୟଖସଡ଼ାର ଅନୁମୋଦନ ଓ ଜିଲ୍ଲାପାଳଙ୍କୁ ପ୍ରେରଣ | ଡ଼ିସେମ୍ବର ୨୦ |
| ■ ଜିଲ୍ଲାପାଳଙ୍କ ଦ୍ୱାରା ଜିଲ୍ଲାସ୍ତରୀୟ ସଂକଳିତ କାର୍ଯ୍ୟଖସଡ଼ା ଜିଲ୍ଲା ପରିଷଦରେ ଉପସ୍ଥାପନ | ଜାନୁୟାରୀ ୨୦ |
| ■ ଜିଲ୍ଲା ପରିଷଦ ଦ୍ୱାରା ଜିଲ୍ଲା ବାର୍ଷିକ କାର୍ଯ୍ୟ ଖସଡ଼ାର ଅନୁମୋଦନ ଓ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗକୁ ପ୍ରେରଣ | ଜାନୁୟାରୀ ୩୧ |

ଯୋଜନା ପ୍ରସ୍ତୁତି ସମୟରେ ବି.ଡ଼ି.ଓ. ପଞ୍ଚାୟତୱାରୀ ତଦାରଖ ବ୍ୟବସ୍ଥା ସ୍ଥିର କରିବେ ।

- ଯୋଜନା ପ୍ରସ୍ତୁତି ଆରମ୍ଭ ହେବା ପୂର୍ବରୁ ଓ ପ୍ରସ୍ତୁତି ସମୟରେ ବ୍ଲକ୍ ଏବଂ ଜିଲ୍ଲାସ୍ତରରେ ଦାୟିତ୍ୱଦିଆଯାଇଥିବା ଅଧିକାରୀମାନେ ଅଞ୍ଚଳଗୁଡ଼ିକୁ ପରିଦର୍ଶନ କରିବେ
- ଯୋଜନା ପ୍ରସ୍ତୁତିରେ ଦେଖାଯାଉଥିବା ଅଭାବ ଓ ଅସୁବିଧା ଚିହ୍ନଟ କରି ସେମାନେ ତାହାର ସମାଧାନ ପନ୍ଥା ନିର୍ଣ୍ଣୟ କରିବେ ।

### ଯୋଜନା ପ୍ରସ୍ତୁତିକାରୀ ଦଳ

୧. ସରପଞ୍ଚ

୨. ପଞ୍ଚାୟତ ନିର୍ବାହୀ ଅଧିକାରୀ

୩. ଗ୍ରାମ ରୋଜଗାର ସେବକ

୪. ପଞ୍ଚାୟତସ୍ତରୀୟ ଷ୍ଟାଣ୍ଡିଂ କମିଟି ସଭ୍ୟ

୫. ଷ୍ଟାଣ୍ଡିଂ କମିଟି ସହ ସଂଶ୍ଳିଷ୍ଟ ଥିବା ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା

୬. ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ

୭. ସ୍ଥାନୀୟ ଅଞ୍ଚଳର ଗୋଷ୍ଠୀ ପ୍ରତିନିଧି (ଗ୍ରାମପଞ୍ଚାୟତ ଦ୍ୱାରା ମନୋନୀତ କରାଯିବ)

### ଯୋଜନା ପ୍ରସ୍ତୁତି ନିମନ୍ତେ ଆକଳନର ବିଷୟବସ୍ତୁ

(କ) ଭିତ୍ତିଭୂମି ବିକାଶ

(ଖ) ମୌଳିକ ସୁବିଧାରେ ଉନ୍ନତି

(ଗ) ମାନବ କଲ୍ୟାଣ କାର୍ଯ୍ୟକ୍ରମ ସୁପରିଚାଳନା

(ଘ) ଅର୍ଥନୈତିକ ବିକାଶ

(ଙ) ସୁରକ୍ଷିତ ଜୀବିକା

(ଚ) ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ସୁପରିଚାଳନା

(ଛ) ପ୍ରାକୃତିକ ସମ୍ପଦର ସୁବିନିଯୋଗ

ପରିସ୍ଥିତିର ଆକଳନ ଆଧାରରେ ଗ୍ରାମପଞ୍ଚାୟତ ପ୍ରସ୍ତୁତ କରିଥିବା ଗ୍ରାମ୍ୟ ବିକାଶ ବିବରଣୀ ଗ୍ରାମସଭାରେ ନିଷ୍ପତ୍ତି ନିମନ୍ତେ ଉପସ୍ଥାପନ କରାଯିବ ।

### ଯୋଜନା ପ୍ରସ୍ତୁତି ପାଇଁ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା

(କ) ଗ୍ରାମର ସାମାଜିକ ତଥା ଅର୍ଥନୈତିକ ସ୍ଥିତିର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ପାଇଁ ସାମାଜିକ ମାନଚିତ୍ର ପ୍ରସ୍ତୁତି

(ଖ) ଗ୍ରାମରେ ଉପଲବ୍ଧ ପ୍ରାକୃତିକ ସମ୍ବଳ ଯଥା: ଜମି, ଜଳ, ଜଙ୍ଗଲ, ଚାରଣଭୂମି, ବଗାୟତ, କୂଅ, ପୋଖରୀ, ନଦୀ, ଝରଣା ଇତ୍ୟାଦିକୁ ନେଇ ସମ୍ବଳ ମାନଚିତ୍ର ପ୍ରସ୍ତୁତି

(ଗ) ଗୋଷ୍ଠୀସ୍ତରରେ ଅଣଆନୁଷ୍ଠାନିକ ଦଳଗତ ଆଲୋଚନା

(ଘ) ଗ୍ରାମ ପରିଭ୍ରମଣ

(ଙ) ଗୃହ ପରିଦର୍ଶନ ତଥା ସର୍ବେକ୍ଷଣ (ବିଶେଷ କରି ଦୁର୍ବଳ ଶ୍ରେଣୀ ଗୃହ ନିଶ୍ଚିତ ଭାବରେ ସର୍ବେକ୍ଷଣର ପରିସରମଧ୍ୟରେ ରହିବ)

(ଚ) ଭିନ୍ନ ଭିନ୍ନ ଋତୁରେ ଲୋକମାନଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଜୀବିକା ଓ କାର୍ଯ୍ୟାବଳୀକୁ ନେଇ ଋତୁଭିତ୍ତିକ ମାନଚିତ୍ର ପ୍ରସ୍ତୁତି

### ଗ୍ରାମସଭାର ଆକଳନ ପ୍ରଣାଳୀ

ଷ୍ଟାଣ୍ଡିଂ କମିଟି ଓ ସଂପୃକ୍ତ ବିଭାଗଗୁଡ଼ିକରୁ ମିଳିଥିବା ତଥ୍ୟ, ଯୋଜନା ପ୍ରସ୍ତୁତକାରୀ ଦଳଙ୍କ ବିବରଣୀ ତଥା ପଲ୍ଲୀସଭାର ଆଲୋଚନାକୁ ଆଧାର କରି ପରିସ୍ଥିତି ବିଶ୍ଳେଷଣ ପାଇଁ ଗ୍ରାମପଞ୍ଚାୟତ ଯୋଜନା ପ୍ରସ୍ତୁତିକାରୀ ଦଳ ନିମ୍ନ ବିଷୟଗୁଡ଼ିକୁ ଆକଳନ କରିବେ ।

- ଦୀର୍ଘମିଆଦି କ୍ରମରେ ୫ ବର୍ଷିଆ ବିକାଶ ଯୋଜନା ପ୍ରସ୍ତୁତି
- ପଞ୍ଚାୟତସ୍ତରରେ ପ୍ରମୁଖ ବିଷୟଗୁଡ଼ିକର ବର୍ତ୍ତମାନ ସ୍ଥିତି । ବର୍ତ୍ତମାନର ପରିସ୍ଥିତି ଓ ସମ୍ଭାବ୍ୟ ବିକାଶର ବିସ୍ତୃତ ଆକଳନ

ପରେ ଗ୍ରାମପଞ୍ଚାୟତ ଯୋଜନା ପ୍ରସ୍ତୁତକାରୀଦଳ ନିମ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ସମ୍ବନ୍ଧରେ ବିଚାର ବିମର୍ଶ କରିବେ ।

- ଭିତ୍ତିଭୂମିରେ 'ବ୍ୟବଧାନ' କ'ଣ ରହିଛି ?
- ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ସେବା ଯୋଗାଣ କ୍ଷେତ୍ରରେ ଦେଖାଯାଉଥିବା ଅଭାବ ଅସୁବିଧା ।
- ଅର୍ଥନୈତିକ ବିକାଶର କ'ଣ ସୁଯୋଗ ରହିଛି ?
- ମାନବ ସମ୍ବଳ ବିକାଶ ପ୍ରକ୍ରିୟାରେ କ'ଣ ଅଭାବ ରହିଛି ?
- ସାମାଜିକ ବିକାଶ ପ୍ରକ୍ରିୟାରେ ଉପୁଜୁଥିବା ସମସ୍ୟା ।
- ପ୍ରାକୃତିକ ସମ୍ବଳ ପରିଚାଳନାରେ ସଂପୃକ୍ତ ଅଞ୍ଚଳରେ ଥିବା ପ୍ରମୁଖ ସମସ୍ୟା ।

### ବ୍ୟୟ ବିହୀନ ବିକାଶ ଉପରେ ଗୁରୁତ୍ୱ

- ଗ୍ରାମପଞ୍ଚାୟତ ତରଫରୁ ଅର୍ଥ ବିନିଯୋଗର ସୁଯୋଗ ନଥିବା ବିଷୟରେ ବ୍ୟାପକ ଜନସଚେତନତା, ସ୍ଥାନୀୟ ଲୋକଙ୍କ ଭାଗୀଦାରିତା, ଜନପ୍ରତିନିଧିମାନଙ୍କ ନେତୃତ୍ୱ, ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ସମନ୍ୱୟ ରଖାଗଲେ ତାହାର ସଫଳ ରୂପାୟନ ହୋଇପାରିବ ।
- ଯୋଜନା ପ୍ରସ୍ତୁତି ସମୟରେ ଏହି ବ୍ୟୟ ବିହୀନ ବିକାଶ ମୂଳକ କାର୍ଯ୍ୟାବଳୀ ଯଥା:ଅପରାଧମୁକ୍ତ / ଆଇନ୍ ଶୃଙ୍ଖଳା ସମସ୍ୟା ମୁକ୍ତ, କ୍ଷୁଧାମୁକ୍ତ, ନିର୍ମଳ ଓ ସ୍ୱଚ୍ଛ, ଯୌତୁକ ମୁକ୍ତ, ବାଲ୍ୟ ବିବାହ ମୁକ୍ତ, ପୁଷ୍ଟିହୀନ ମୁକ୍ତ ଓଲିଙ୍ଗଗତ ଭେଦଭାବ ମୁକ୍ତ ପଞ୍ଚାୟତ ଗଠନ ଭଳି ଅନେକ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଏକ ଆଦର୍ଶ ଗ୍ରାମପଞ୍ଚାୟତ ଗଠନ ପାଇଁ ପ୍ରୟାସ କରାଯାଇପାରିବ ।

# ଅର୍ଥ କମିଶନ ଅନୁଦାନ

**କେନ୍ଦ୍ର ସ୍ତରରେ କେନ୍ଦ୍ରୀୟ ଅର୍ଥ ଆୟୋଗ ଓ ରାଜ୍ୟ ସ୍ତରରେ ରାଜ୍ୟ ଅର୍ଥ ଆୟୋଗ ତୃଣମୂଳ ସ୍ତରର ସ୍ୱାୟତ୍ତଶାସନ ଅନୁଷ୍ଠାନଙ୍କୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ଅନୁଦାନ ଯୋଗାଇଥାନ୍ତି । ଏ ସମ୍ପର୍କରେ କିଛି ଜାଣିବା କଥା...**



କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ କେନ୍ଦ୍ରୀୟ ଟିକସର ସଂଗୃହୀତ ଅର୍ଥର ଆବଣ୍ଟନର ପଦ୍ଧତି ପାଇଁ ସୁପାରିଶ କରିବାକୁ ସମ୍ବିଧାନର ୨୮୦ ଅନୁଚ୍ଛେଦ ଅନୁସାରେ ପ୍ରତି ୫ ବର୍ଷରେ ରାଷ୍ଟ୍ରପତିଙ୍କ ଦ୍ୱାରା କେନ୍ଦ୍ରୀୟ ଅର୍ଥ କମିଶନ ଗଠନ କରାଯାଇଥାଏ । ସେହିଭଳି ୭୩ତମ ସମ୍ବିଧାନ ସଂଶୋଧନ ଗୃହୀତ ହେବା ପରେ ସମ୍ବିଧାନର ୨୪୩ ଅନୁଚ୍ଛେଦ ଅନୁଯାୟୀ ପ୍ରତ୍ୟେକ ରାଜ୍ୟସ୍ତରରେ ରାଜ୍ୟ ଅର୍ଥ ଆୟୋଗ ଗଠନର ବ୍ୟବସ୍ଥା ରହିଛି ।

## କେନ୍ଦ୍ରୀୟ ଅର୍ଥ ଆୟୋଗର କାର୍ଯ୍ୟ

- କେନ୍ଦ୍ର ରାଜ୍ୟ ମଧ୍ୟରେ କେନ୍ଦ୍ରୀୟ ଟିକସରୁ ସଂଗୃହୀତ ଅର୍ଥର ଆବଣ୍ଟନ ନିମନ୍ତେ ସୁପାରିଶ
- ଭାରତ ସରକାରଙ୍କ ଏକତ୍ରିତ ପାଣ୍ଠିରୁ ରାଜ୍ୟ ଗୁଡ଼ିକ ପାଇବାକୁ ଥିବା ଭାଗ ପାଇଁ ସହାୟକ ଅନୁଦାନ (Grants-in-Aid)ର ନୀତି ନିର୍ଦ୍ଧାରଣ
- ରାଜ୍ୟ ଅର୍ଥ କମିଶନ ସୁପାରିଶ ଅନୁସାରେ ପଞ୍ଚାୟତ ଓ ପୌରସଂସ୍ଥା ଗୁଡ଼ିକୁ ସମ୍ବଳ ଯୋଗାଣର ପରିମାଣ ବୃଦ୍ଧି ନିମନ୍ତେ ରାଜ୍ୟର ଏକତ୍ରିତ ପାଣ୍ଠି ବୃଦ୍ଧିର ଉପାୟ ନିରୂପଣ

## ଅର୍ଥ ଆୟୋଗ ଏବଂ ସେମାନଙ୍କ କାର୍ଯ୍ୟକାଳ

କେନ୍ଦ୍ରସ୍ତରରେ ୧୯୫୨ ମସିହାରେ ପ୍ରଥମ ଅର୍ଥ କମିଶନ ଗଠିତ ହୋଇ ଇତିମଧ୍ୟରେ ୧୪ଟି କେନ୍ଦ୍ରୀୟ ଅର୍ଥ ଆୟୋଗ ଓ ରାଜ୍ୟସ୍ତରରେ ୪ଟି ଅର୍ଥ ଆୟୋଗ ଗଠିତ ହୋଇଛି। ପ୍ରତ୍ୟେକ ଅର୍ଥ ଆୟୋଗଙ୍କ କାର୍ଯ୍ୟକାଳ ୫ ବର୍ଷ ।

## ପଞ୍ଚାୟତ ଅନୁଷ୍ଠାନମାନଙ୍କୁ ଅନୁଦାନ ବ୍ୟବସ୍ଥା

ଗ୍ରାମପଞ୍ଚାୟତଗୁଡ଼ିକୁ ସ୍ୱୟଂଶାସିତ ଅନୁଷ୍ଠାନ ରୂପେ ଗଢ଼ିତୋଳି ନାଗରିକଙ୍କୁ ଉନ୍ନତ ମୌଳିକ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଉଭୟ ଚତୁର୍ଦ୍ଦଶ କେନ୍ଦ୍ରୀୟ ଓ ୪ର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ ଆଧାରରେ ୨୦୧୫-୧୬ରୁ ୨୦୧୯-୨୦ ଆର୍ଥିକ ବର୍ଷ ମଧ୍ୟରେ ୧୬ ହଜାର କୋଟିରୁ ଅଧିକ ଆର୍ଥିକ ଅନୁଦାନ ପ୍ରଦାନର ବ୍ୟବସ୍ଥା କରାଯାଇଅଛି । ଏହି ବ୍ୟବସ୍ଥା ଗ୍ରାମପଞ୍ଚାୟତ ଗୁଡ଼ିକୁ ନିଶ୍ଚିତ ଭାବରେ ଆର୍ଥିକ ସ୍ତରରେ ସଶକ୍ତ କରି ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଆଦର୍ଶ ଗ୍ରାମ ଓ ଗ୍ରାମପଞ୍ଚାୟତ ଗଠନରେ ସହାୟକ ହେବ ।

## କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନର ଉପାଦାନ

- ମୌଳିକ ଅନୁଦାନ (Basic Grant)
- କାର୍ଯ୍ୟ ସଂପାଦନ ଅନୁଦାନ (Performance Grant)

ମୌଳିକ ଅନୁଦାନ (Basic Grant) ବ୍ୟବସ୍ଥା ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତ ୫ ବର୍ଷ ପାଇଁ ପାଉଥିବା ବେଳେ କାର୍ଯ୍ୟ ସଂପାଦନ ଅନୁଦାନ (Performance Grant) ୨୦୧୬-୧୭ରୁ ୨୦୧୯-୨୦ ପର୍ଯ୍ୟନ୍ତ କେତେକ ସର୍ତ୍ତରେ ମିଳିବ ।

## କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନର ଭିତ୍ତି

ଏହି ଅନୁଦାନ ପାଣ୍ଠି ରାଜ୍ୟ ଅର୍ଥ ଆୟୋଗ ଦ୍ୱାରା ସ୍ଥିରୀକୃତ ମାନଦଣ୍ଡ ଅନୁସାରେ ଲୋକସଂଖ୍ୟାକୁ ଆଧାର କରି ଗ୍ରାମ ପଞ୍ଚାୟତ ଗୁଡ଼ିକୁ ଦିଆଯାଏ ।

ଏତଦ୍‌ବ୍ୟତୀତ ଅନୁସୂଚିତ ଅଞ୍ଚଳର ଗ୍ରାମପଞ୍ଚାୟତ ଗୁଡ଼ିକୁ ମୂଳ ଅନୁଦାନ ସହିତ ଅତିରିକ୍ତ ଭାବେ ୨୦% ଅଧିକ ଅନୁଦାନ ପ୍ରଦାନ କରାଯାଏ ।

## କାର୍ଯ୍ୟ ସମ୍ପାଦନ ଅନୁଦାନ ଓ ଏହାର ମଞ୍ଜୁରୀ

ଏହା ଏକ ଉତ୍ସାହମୂଳକ ଅନୁଦାନ ଓ ଏହା ୨ୟ ବର୍ଷ ଅର୍ଥାତ୍ ୨୦୧୬-୧୭ରୁ ୨୦୧୯-୨୦ ପର୍ଯ୍ୟନ୍ତ

| କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ | | | | | | |
|---|---|---|---|---|---|---|
| ଉପାଦାନ (ଆର୍ଥିକ ବର୍ଷ) | ୨୦୧୫-୧୬ | ୨୦୧୬-୧୭ | ୨୦୧୭-୧୮ | ୨୦୧୮-୧୯ | ୨୦୧୯-୨୦ | ୨୦୧୫-୨୦ |
| ମୌଳିକ ଅନୁଦାନ (କୋଟି ଟଙ୍କାରେ) | ୯୫୫.୫୨ | ୧୩୨୩.୦୯ | ୧୫୨୮.୭୧ | ୧୭୬୮.୪୪ | ୨୩୮୯.୫୪ | ୭୯୬୫.୩୦ |
| କାର୍ଯ୍ୟ ସଂପାଦନ ଅନୁଦାନ (କୋଟି ଟଙ୍କାରେ) | | ୧୭୩.୫୫ | ୧୯୬.୪୦ | ୨୨୩.୦୪ | ୨୯୨.୦୫ | ୮୮୫.୦୪ |

ମଞ୍ଜୁର କରାଯିବ । ତେବେ ଏହି ଅନୁଦାନ ପାଇବା ପାଇଁ ରାଜ୍ୟକୁ କେତେକ ସର୍ତ୍ତାବଳୀ ପୂରଣ କରିବାକୁ ପଡ଼ିବ । ସେଗୁଡ଼ିକ ହେଲା

- ଗ୍ରାମ ପଞ୍ଚାୟତର ବାର୍ଷିକ ହିସାବର ଅଡିଟ୍ ପୂର୍ବ ଦୁଇ ବର୍ଷ ପର୍ଯ୍ୟନ୍ତ ହୋଇଥିବା ଆବଶ୍ୟକ ।
- ଗ୍ରାମ ପଞ୍ଚାୟତର ନିଜସ୍ୱ ଆୟରେ ପୂର୍ବ ବର୍ଷ ଠାରୁ ଆପାତତଃ ୨୦ ପ୍ରତିଶତ ଆୟ ବୃଦ୍ଧି ହେବା ଆବଶ୍ୟକ
- ତିନିଟି ମୌଳିକ ସେବା ଯଥା ପିଇବା ପାଣି, ପରିମଳ ଓ ରାସ୍ତା ଆଲୋକ ଭଳି କାର୍ଯ୍ୟ ଗ୍ରାମପଞ୍ଚାୟତ ନିଶ୍ଚିତ ଭାବରେ କାର୍ଯ୍ୟକାରୀ କରିଥିବେ ।
- କିଛି ନୂତନ ପ୍ରୟାସ ଜରିଆରେ ଶ୍ମଶାନ ଘାଟ, ବୃକ୍ଷରୋପଣ, ମାଛଚାଷ ପୋଖରୀ, ଗାଧୁଆ ତୁଠ, ଖେଳପଡ଼ିଆ ତଥା ଅନ୍ୟାନ୍ୟ ଗୋଷ୍ଠୀଭିତ୍ତିକ କାର୍ଯ୍ୟକୁ ସୁଚାରୁ ରୂପେ ସଂପାଦନ କରିଥିବେ । ଏହାଛଡ଼ା କାର୍ଯ୍ୟ ସଂପାଦନକୁ ସମୀକ୍ଷା କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ମାନଦଣ୍ଡ ନିର୍ଦ୍ଦେଶାବଳୀରେ ଦିଆଯାଇଛି ।



## ଅର୍ଥ କମିଶନ ଅନୁଦାନ ବଣ୍ଟନର ଆଧାର

ଜନସଂଖ୍ୟାକୁ ଭିତ୍ତି କରି ଏହି ଅନୁଦାନକୁ ଗ୍ରାମପଞ୍ଚାୟତମାନଙ୍କୁ ଆବଣ୍ଟନ କରାଯିବ । ଏଥି ନିମନ୍ତେ ଗ୍ରାମପଞ୍ଚାୟତମାନଙ୍କୁ ୪ଟି ଶ୍ରେଣୀରେ ବିଭକ୍ତ କରାଯାଇଛି ।

| ଶ୍ରେଣୀ | ଜନସଂଖ୍ୟା |
|---|---|
| କ | ୫୦୦୦ ପର୍ଯ୍ୟନ୍ତ |
| ଖ | ୫୦୦୧-୭୫୦୦ |
| ଗ | ୭୫୦୧-୧୦,୦୦୦ |
| ଘ | ୧୦,୦୦୦ରୁ ଊର୍ଦ୍ଧ୍ୱ |

## ଅର୍ଥ ଆୟୋଗ ଅନୁଦାନରେ କାର୍ଯ୍ୟକାରୀ ପ୍ରକଳ୍ପ

ଉଭୟ ଚତୁର୍ଥ ରାଜ୍ୟ ଏବଂ ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନକୁ ଗ୍ରାମପଞ୍ଚାୟତ ଦ୍ୱାରା ନିମ୍ନଲିଖିତ ପ୍ରାଥମିକତା ଅନୁଯାୟୀ କାର୍ଯ୍ୟଗୁଡ଼ିକ ହାତକୁ ନେବାପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଅଛି ।

- ପାନୀୟ ଜଳ
- ପରିମଳ
- ରାସ୍ତା ଆଲୋକୀକରଣ
- କଲ୍ୟାଣ ମଣ୍ଡପ / କୋଠଘର
- ଶ୍ମଶାନ ଘାଟ ସହିତ ବିଶ୍ରାମସ୍ଥଳ ଓ ଆବଶ୍ୟକ ସ୍ଥଳେ ପାଚେରୀ ନିର୍ମାଣ ଓ ବୃକ୍ଷରୋପଣ ଇତ୍ୟାଦି
- ଗାଧୁଆ ତୁଠ(ମହିଳାଙ୍କ ନିମନ୍ତେ ଲୁଗା ବଦଳାଇବା କୋଠରୀ ସହିତ)
- ବଜାର ଗୃହ (ହାଟ ମଧ୍ୟରେ ପିଣ୍ଡି, ପିଇବା ପାଣି, ସାଇକଲ ଷ୍ଟାଣ୍ଡ ଇତ୍ୟାଦି)
- ମାଛଚାଷ ପୋଖରୀ
- ଗ୍ରାମ ଖେଳପଡ଼ିଆର ଉନ୍ନତିକରଣ
- ଅନାବାଦୀ ପତିତ ଜମିର ଉପଯୁକ୍ତ ବ୍ୟବହାର

ଗ୍ରାମାଞ୍ଚଳରେ ବସବାସ କରୁଥିବା ସବୁ ବର୍ଗର ଲୋକ ଯଥା: ମହିଳା, ଶିଶୁ, ଭିନ୍ନକ୍ଷମ, ଚାଷୀ, କ୍ଷୁଦ୍ରବେପାରୀ, ଯୁବକ,ବରିଷ୍ଠ ନାଗରିକ ଇତ୍ୟାଦିଙ୍କ ପାଇଁ ଉପରୋକ୍ତ କାର୍ଯ୍ୟଗୁଡ଼ିକ ମାଧ୍ୟମରେ ସେବା ଯୋଗାଣର ବ୍ୟବସ୍ଥା କରାଯାଇଅଛି ।

## ପାନୀୟ ଜଳଯୋଗାଣ ନିମନ୍ତେ ଗ୍ରାମପଞ୍ଚାୟତର ଦାୟିତ୍ୱ

ଗ୍ରାମାଞ୍ଚଳରେ ପିଇବା ପାଣି ଯୋଗାଣ ଏକ ମୁଖ୍ୟ ସମସ୍ୟା । ଏଥି ନିମନ୍ତେ ଗ୍ରାମପଞ୍ଚାୟତକୁ ପିଇବା ପାଣି ଯୋଗାଣ ଓ ଏହାର ପରିଚାଳନା ନିମନ୍ତେ ଦାୟିତ୍ୱ ଦିଆଯାଇଛି । ଗ୍ରୀଷ୍ମ କାଳୀନ ପରିସ୍ଥିତିରେ ଜଳକ୍ଲିଷ୍ଟକୁ ଆଖିରେ ରଖି ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ପ୍ରାଧାନ୍ୟ ଦିଆଯିବା ଉଚିତ୍ । ଏହି ଅନୁଦାନ ବିନିଯୋଗ କରି ନିମ୍ନମତେ ଗ୍ରାମପଞ୍ଚାୟତ ପଦକ୍ଷେପ ଗ୍ରହଣ କରିବେ ।

- ସମସ୍ତ ଗ୍ରାମରେ ପିଇବା ପାଣି ଯୋଗାଣ ସଂପୂର୍ଣ୍ଣ ହେବା

ପର୍ଯ୍ୟନ୍ତ ପାଉଥିବା ଅନୁଦାନର ଅତିକମ୍‌ରେ ୩୦% ଅର୍ଥ ଏହି ବାବଦରେ ବିନିଯୋଗ ହେବ ।

- ଗ୍ରାମାଞ୍ଚଳର ଜଳଯୋଗାଣ ପ୍ରକଳ୍ପ ଗୁଡ଼ିକର ପରିଚାଳନା ରକ୍ଷଣାବେକ୍ଷଣା ଦାୟିତ୍ୱ ।
- ହାତ ପମ୍ପ, ଯନ୍ତ୍ରାଂଶ କ୍ରୟ, ବିଦ୍ୟୁତ ଦେୟ, ସ୍ୱାବଲମ୍ବୀ କାରିଗରଙ୍କ ପାରିଶ୍ରମିକ, ମୋବାଇଲ ଭ୍ୟାନ ଇତ୍ୟାଦି ।
- ପ୍ରତି ଘରକୁ ପାଇପ୍ ପାଣି ଯୋଗାଣ ନିମନ୍ତେ ପଦକ୍ଷେପ ।
- ଆବଶ୍ୟକସ୍ଥଳେ ସୌରଶକ୍ତି ଉପଯୋଗ କରି ମୋଟର ଜରିଆରେ ଟ୍ୟାପ୍ ପାଣି ଷ୍ଟାଣ୍ଡପୋଷ୍ଟ ସହିତ ଯୋଗାଇ ଦିଆଯିବ ।
- ଗ୍ରାମପଞ୍ଚାୟତ ଦ୍ୱାରା ପିଇବା ପାଣି ଯୋଗାଣ ନିମନ୍ତେ ନିଶ୍ଚିତ ଭାବରେ 'ୟୁଜର ଫି' ସଂଗ୍ରହ କରି ପଞ୍ଚାୟତର ଆୟ ବୃଦ୍ଧି କରାଯିବ ।

## ପିଇବା ପାଣି ଯୋଗାଣ କ୍ଷେତ୍ରରେ ଅର୍ଥ କମିଶନ ଅନୁଦାନର ବିନିଯୋଗ ପ୍ରଣାଳୀ

- କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ ଓ ରାଜ୍ୟ ଅର୍ଥ ଆୟୋଗ ଉଭୟ ଅନେକ କ୍ଷେତ୍ରରେ ସମାନ ଉଦ୍ଦେଶ୍ୟ ରଖି ଅର୍ଥ ବିନିଯୋଗ ପାଇଁ ସୁପାରିଶ କରିଛନ୍ତି । ତେଣୁ କେନ୍ଦ୍ରୀୟ ଓ ରାଜ୍ୟ ଅର୍ଥ ଆୟୋଗ ଅନୁଦାନ ପାଇଁ ଅଲଗା ଅଲଗା କ୍ୟାସ୍‌ବୁକ୍ ଓ କେସ୍ ରେକର୍ଡ ଖୋଲାଯାଇ ପାଣ୍ଠି ପରିଚାଳନା କରାଯିବ ।
- ଗ୍ରାମପଞ୍ଚାୟତ ଦ୍ୱାରା ପରିଚାଳିତ ହେଉଥିବା ପିଇବା ପାଣି ଯୋଗାଣ, ହାତପମ୍ପ, ନଳକୂପ ଇତ୍ୟାଦିର ରକ୍ଷଣାବେକ୍ଷଣ ଓ ପରିଚାଳନା ଖର୍ଚ୍ଚ ଏହି ଅନୁଦାନରୁ ଭରଣା କରାଯିବ । ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଯନ୍ତ୍ରାଂଶ କିଣାଯାଇ ପାରିବ ।
- ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଗ୍ରାମପଞ୍ଚାୟତ ସ୍ତରରେ ଏକ କ୍ରୟକମିଟି ଗଠିତ ହେବ ଯେଉଁଥିରେ ଗ୍ରାମ୍ୟ ଜଳଯୋଗାଣ ପରିମଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ, ବ୍ଲକ ଆକାଉଣ୍ଟସ୍ ଅଫିସର, ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ସଭ୍ୟ ରହିବେ । ଏତଦ୍‌ବ୍ୟତୀତ ଗ୍ରାମପଞ୍ଚାୟତର ଜଳ ପରିମଳ ବିଷୟ ସମ୍ବନ୍ଧୀୟ ସ୍ଥାୟୀ କମିଟିର ସଦସ୍ୟ ମାନେ ଏହି କମିଟିର ସଭ୍ୟ ରହିବେ ।
- କୌଣସି କ୍ଷେତ୍ରରେ ଗ୍ରାମ୍ୟ ଜଳଯୋଗାଣ ପରିମଳ ବିଭାଗର କର୍ମକର୍ତ୍ତା, ଯେଉଁମାନେ ପଞ୍ଚାୟତିରାଜ ଅନୁଷ୍ଠାନରେ କାର୍ଯ୍ୟରତ, ସେମାନଙ୍କ ଦରମା / ପାରିଶ୍ରମିକ ଏହି ଅନୁଦାନରୁ ଦିଆଯାଇ ପାରିବ ନାହିଁ ।

## ଗ୍ରାମପଞ୍ଚାୟତ ଦ୍ୱାରା ପରିମଳ ଜନିତ କାର୍ଯ୍ୟପାଇଁ ପ୍ରକଳ୍ପ

ଗ୍ରାମପଞ୍ଚାୟତ ମୁଖ୍ୟତଃ ନିମ୍ନ କାର୍ଯ୍ୟଗୁଡ଼ିକ ହାତକୁ ନେଇପାରିବ ।

ସ୍ୱରେଜ, ତରଳ ବର୍ଜ୍ୟବସ୍ତୁ ପରିଚାଳନା, ରାସ୍ତା ମରାମତି, ରାସ୍ତା ଆଲୋକୀକରଣ, ଶ୍ମଶାନ ପଡ଼ିଆ ଉନ୍ନତିକରଣ, ସର୍ବସାଧାରଣ ସ୍ଥାନରେ ପାଣି ବ୍ୟବସ୍ଥା ସହିତ ଶୌଚାଳୟ, ମଳ ନିଷ୍କାସନ ପରିଚାଳନା, ବନ୍ୟାଜଳ ନିଷ୍କାସନ ପାଇଁ ଡ୍ରେନେଜ୍, ଗ୍ରାମ ସାହି ରାସ୍ତା, ସ୍କୁଲ, ଅଙ୍ଗନବାଡ଼ି ପରିସର, ହାଟ ବଜାର, ଗାଧୁଆ ତୁଠ ଇତ୍ୟାଦିରେ ପରିଷ୍କାର ପରିଚ୍ଛନ୍ନତା । ଗ୍ରାମର ଶେଷ ଭାଗରେ ମଇଳା, ଆବର୍ଜନା ଜମା କରିବା ପାଇଁ ଡମ୍ପିଂୟାର୍ଡ଼ ପିଟ୍ ନିର୍ମାଣ କାର୍ଯ୍ୟ ।



## ଗ୍ରାମପଞ୍ଚାୟତ ଦ୍ୱାରା ବର୍ଜ୍ୟବସ୍ତୁର ପରିଚାଳନା

ବର୍ଜ୍ୟବସ୍ତୁକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଏ । କଠିନ ବର୍ଜ୍ୟବସ୍ତୁ ଓ ତରଳ ବର୍ଜ୍ୟବସ୍ତୁ ।

(କ) ଜୈବିକ ବର୍ଜ୍ୟବସ୍ତୁ (ପରିବା ଚୋପା, ବଳକା ବାସି ଖାଦ୍ୟ ଇତ୍ୟାଦି)

(ଖ) ଅଜୈବିକ କଠିନ ବର୍ଜ୍ୟବସ୍ତୁ (ପ୍ଲାଷ୍ଟିକ୍, ପଲିଥିନ୍ ବ୍ୟାଗ, ଟାୟାର ଯାହା ମାଟିରେ ମିଶେ ନାହିଁ)

- ଉପରୋକ୍ତ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ପାଇଁ ଗ୍ରାମପଞ୍ଚାୟତ ଦ୍ୱାରା ପୃଥକ୍ ଭାବରେ ଡମ୍ପିଂୟାର୍ଡ ଓ ଡଷ୍ଟବିନ୍ ବ୍ୟବସ୍ଥା ହେବା ଉଚିତ୍ ।
- ପରିବା ଚୋପା, ବଳକା ବାସୀ ଖାଦ୍ୟ ଇତ୍ୟାଦିରୁ ଜୈବିକ ସାର ପ୍ରସ୍ତୁତ କରାଯାଇ ପାରିବ ।
- ଅପର ପକ୍ଷରେ ପ୍ଲାଷ୍ଟିକ୍, ପଲିଥିନ୍ ଇତ୍ୟାଦି ଭଳି ସାମଗ୍ରୀ ସଂପୂର୍ଣ୍ଣ ନଷ୍ଟ କରି ଦିଆଯିବା ଉଚିତ୍ । କାରଣ ଏଗୁଡିକ ମାଟିରେ ମିଶି ନ ପାରି ପରିବେଶକୁ ପ୍ରଦୂଷଣ କରି ନାନା ରୋଗ ସୃଷ୍ଟି କରିଥାଏ ।
- ପଲିଥିନର ବ୍ୟବହାରକୁ ରୋକିବା ପାଇଁ ଏହାର କୁପରିଣାମ ସମ୍ବନ୍ଧରେ ଗ୍ରାମପଞ୍ଚାୟତ ସଚେତନତା ସୃଷ୍ଟି କରିବା ଉଚିତ୍ ।
- ତରଳ ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ଏହାର ଉତ୍ସ ତଥା ଉପାଦାନ ଗୁଡ଼ିକ ସମ୍ବନ୍ଧରେ ଅବଗତ ହୋଇ ଏହାର ନିରାପଦ ନିଷ୍କାସନ ପାଇଁ ଗ୍ରାମପଞ୍ଚାୟତ ଦ୍ୱାରା ପଦକ୍ଷେପ ନିଆଯିବ ।

## ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗ ଦ୍ୱାରା ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କ ପାଇଁ ଆର୍ଥିକ ଅନୁଦାନ ବ୍ୟବସ୍ଥା

- ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗର ଅନୁଦାନ ମୁଖ୍ୟତଃ ତିନି ଭାଗରେ ପ୍ରଦାନ କରାଯାଉଛି । ତାହା ହେଲା ହସ୍ତାନ୍ତରୀକରଣ ପାଣ୍ଠି, ନ୍ୟସ୍ତିକୃତ ଟିକସ ପାଣ୍ଠି ଓ ସହାୟକ ଅନୁଦାନ ।
- ହସ୍ତାନ୍ତରୀକରଣ ପାଣ୍ଠିକୁ ତିନି ସ୍ତରର ପଞ୍ଚାୟତ ଯଥା ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦକୁ ୭୫:୨୦:୫ ପ୍ରତିଶତ ହାରରେ ଅନୁଦାନ ଦିଆଯାଉଛି ।



■ ଏହା ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ନିର୍ଦ୍ଦେଶାବଳୀ ଅନୁସାରେ ନ୍ୟସ୍ତିକୃତ ଟିକସ ପାଣ୍ଠିରେ ରାସ୍ତା ଉନ୍ନତିକରଣ ଏବଂ ସହାୟକ ଅନୁଦାନରେ ଗ୍ରାମପଞ୍ଚାୟତ ଘର, ସରକାରୀ ବାସଗୃହ, ଆୟବୃଦ୍ଧିକାରୀ ସମ୍ପତ୍ତି ସୃଷ୍ଟି ଏବଂ ଗ୍ରାମପଞ୍ଚାୟତର ପ୍ରମୁଖ ସମ୍ପତ୍ତିର ରକ୍ଷଣାବେକ୍ଷଣ କରାଯାଇପାରିବ ।

## ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗ ଅନୁଦାନ (ହସ୍ତାନ୍ତରୀକରଣ ପାଣ୍ଠି)ର ବିନିଯୋଗ ପ୍ରଣାଳୀ

■ ହସ୍ତାନ୍ତରୀକରଣ ପାଣ୍ଠି ଅନ୍ତର୍ଗତ ଗ୍ରାମ ପଞ୍ଚାୟତର ଅଂଶ ୭୫% କୁ ନିମ୍ନମତେ ବିନିଯୋଗ କରାଯାଇପାରିବ ।

■ ଏହି ପାଣ୍ଠିକୁ ମୌଳିକ ସେବା ପ୍ରଦାନ (ପିଇବା ପାଣି, ପରିମଳ, ରାସ୍ତା ଆଲୋକୀକରଣ, ଶ୍ମଶାନ ଘାଟ, ଗାଧୁଆ ତୁଠ, କଲ୍ୟାଣ ମଣ୍ଡପ, ବଜାର ଗୃହ, ମାଛଚାଷ ପୋଖରୀ, ଖେଳପଡ଼ିଆ, ନିର୍ମାଣ) ଇତ୍ୟାଦିରେ ବିନିଯୋଗ କରାଯିବ ।

■ ଗ୍ରାମପଞ୍ଚାୟତ ଗୁଡ଼ିକ ଏଭଳି ଭାବେ ପ୍ରକଳ୍ପ ନେବେ ଯାହା ସେମାନଙ୍କୁ ଆଗାମୀ ଦିନରେ ନିଜସ୍ୱ ଆୟବୃଦ୍ଧି ଦିଗରେ ସହାୟକ ହେବ ।

■ ଲୋକଙ୍କ ଆବଶ୍ୟକତା ଅନୁସାରେ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଜନ ସହଭାଗିତାରେ ପରିସ୍ଥିତି ଆକଳନ ସହ ପଲ୍ଲୀସଭା / ଗ୍ରାମସଭା ଜରିଆରେ ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତ କରାଯାଇ ଏହି ଅନୁଦାନ ବିନିଯୋଗ କରାଯିବ ।

## ଅଙ୍ଗନୱାଡ଼ି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ଅର୍ଥକମିଶନ ଅନୁଦାନର ବିନିଯୋଗ

■ ଅଙ୍ଗନୱାଡ଼ି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟର ଆନୁସଙ୍ଗିକ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ଅର୍ଥ କମିଶନ ଅନୁଦାନରେ ନିମ୍ନଲିଖିତ ପଦକ୍ଷେପ ମାନ ନିଆଯାଇପାରିବ ।

■ ଅଙ୍ଗନୱାଡ଼ି କୋଠାର ରଙ୍ଗ ଦେବା ।

■ ନିରାପଦ ପାନୀୟ ଜଳର ବ୍ୟବସ୍ଥା କରାଇବା ।

■ ଭିନ୍ନକ୍ଷମ ପିଲାଙ୍କ ପାଇଁ ର୍ୟାମ୍ପ ନିର୍ମାଣ କରାଇବା ।

■ ଶୌଚାଳୟ ନିର୍ମାଣ ସହିତ ସେଥିରେ ଜଳଯୋଗାଣକୁ ସୁନିଶ୍ଚିତ କରିବା ।

■ ଶିଶୁମାନଙ୍କର ଶିକ୍ଷା ସମ୍ବନ୍ଧୀୟ ଉପକରଣ ଯଥା: କାନ୍ଥ ଲେଖା ଓ ଚିତ୍ର ପ୍ରସ୍ତୁତି ।

## ଅର୍ଥ କମିଶନ ଅନୁଦାନରେ ବାରଣ କରାଯାଇଥିବା ପ୍ରକଳ୍ପ

କୌଣସି ସଂସ୍ଥା ବା ବ୍ୟକ୍ତିଙ୍କୁ ଲାଭ ଦେଲା ଭଳି, କୌଣସି ଧାର୍ମିକ କାର୍ଯ୍ୟକଳାପ କିମ୍ବା ତାଞ୍ଚା ସ୍ଥାନୀୟ ଅଞ୍ଚଳରେ ମେଳା ମହୋତ୍ସବ, ଧାମର୍କି ଉତ୍ସବ ପାଳନ, କୌଣସି ଦାତବ୍ୟ କାର୍ଯ୍ୟ , କୌଣସି ସଂସ୍ଥାକୁ ଦାନ ଏହି ଅନୁଦାନରେ କରାଯାଇପାରିବ ନାହିଁ ।

## ଗ୍ରାମପଞ୍ଚାୟତର ନିଜସ୍ୱ ଆୟବୃଦ୍ଧି ନିମନ୍ତେ ଅର୍ଥ କମିଶନ ଅନୁଦାନର ବିନିଯୋଗ ବ୍ୟବସ୍ଥା

■ ଗ୍ରାମାଞ୍ଚଳରେ ଟିକସ ଓ ଅଣଟିକସ ରାଜସ୍ୱ ସଂଗ୍ରହ ସହିତ ନିଜର ସମ୍ବଳ ବୃଦ୍ଧି କରି ସ୍ଥାନୀୟ ସ୍ୱୟଂଶାସନ ଅନୁଷ୍ଠାନ ରୂପେ କାର୍ଯ୍ୟ କରିବା ପାଇଁ ଗ୍ରାମପଞ୍ଚାୟତଗୁଡ଼ିକୁ କ୍ଷମତାପନ୍ନ କରାଯାଇଅଛି ।

■ ସମସ୍ତ ଚଳନ୍ତି ଆୟ ବୃଦ୍ଧିକାରୀ ସଂପତ୍ତି ଯଥା ପୋଖରୀ, ଫେରିଘାଟ, ବଗାୟତ, ହାଟ ଓ ବଜାର ଇତ୍ୟାଦିରେ ଅର୍ଥ କମିଶନ ଅନୁଦାନ ବିନିଯୋଗ କରି ଏହାର ସଫଳ ପରିଚାଳନା କରି ଏଥିରେ ଉନ୍ନତି ଆଣିବା ଆବଶ୍ୟକ ।

■ ସେହିଭଳି ବଜାର, ପର୍ଯ୍ୟଟନସ୍ଥଳୀ, ବଣଭୋଜି ଅଞ୍ଚଳ, ମେଳା, ଯାତ୍ରାସ୍ଥାନ ନିକଟରେ ଗ୍ରାମପଞ୍ଚାୟତ ଯାନବାହାନ ପାର୍କିଂ ସୁବିଧା କରି ପାର୍କିଂ ଫି ଆଦାୟ କରିପାରିବେ । ଫି ଗୁଡ଼ିକର ଦର ଗ୍ରାମସଭା / ଗ୍ରାମପଞ୍ଚାୟତ ବୈଠକରେ ସ୍ଥିର କରାଯିବ ।

■ ପତିତ ଜମିରେ ଫଳବୃକ୍ଷ ରୋପଣ, କଲ୍ୟାଣ ମଣ୍ଡପ ନିର୍ମାଣ, ମାଛଚାଷ ଉପଯୋଗୀ ପୋଖରୀ ପୁନରୁଦ୍ଧାର, ଦୋକାନ ଗୃହ ନିର୍ମାଣ, ରାସ୍ତା ଆଲୁଅ / ପିଇବା ପାଣି ଭଳି ଏବଂ ସେବା ପାଉଥିବା ବ୍ୟବହାରକାରୀଙ୍କ ଠାରୁ ଫି ଆଦାୟ କରି ଗ୍ରାମପଞ୍ଚାୟତର ନିଜସ୍ୱ ଆୟ ବୃଦ୍ଧି କରିପାରିବ ।

## ସମୀକ୍ଷା ଓ ତଦାରଖ ବ୍ୟବସ୍ଥା

■ ସମସ୍ତ ପ୍ରକଳ୍ପ ପ୍ଲାନ୍ ପ୍ଲସ୍ ସଫ୍ଟୱେରରେ ଦରଜ ହୋଇ ଡ୍ୟାସବୋର୍ଡ ବ୍ୟବସ୍ଥା ଦ୍ୱାରା ମନିଟରିଂ କରାଯିବ । ସମସ୍ତ ଖର୍ଚ୍ଚ ଗୁଡ଼ିକ ଅନ୍‌ଲାଇନ୍ ଏଣ୍ଟ୍ରି କରାଯିବ ।

■ ବ୍ଲକ୍ ସ୍ତରରେ ବି.ଡି.ଓଙ୍କ ଦ୍ୱାରା ଏବଂ ଜିଲ୍ଲା ସ୍ତରରେ ପି.ଡି. ଓ ଡି.ପି.ଓଙ୍କ ଦ୍ୱାରା ପ୍ରତି ମାସରେ ସମୀକ୍ଷା କରାଯିବ ।

■ ପ୍ରତ୍ୟେକ ମାସର ୧୫ ତାରିଖ ସୁଦ୍ଧା ଜିଲ୍ଲା ସ୍ତରରୁ ପଞ୍ଚାୟତିରାଜ ବିଭାଗକୁ ସମୀକ୍ଷା ରିପୋର୍ଟ ପ୍ରଦାନ କରାଯିବ ।

■ ଅର୍ଥ କମିଶନ ଅନୁଦାନର ଉପଯୁକ୍ତ ବିନିଯୋଗ କରି ଗ୍ରାମାଞ୍ଚଳରେ ସ୍ଥାୟୀ, ଭିତ୍ତିପ୍ରଦ ଏବଂ ଆୟକାରୀ ସମ୍ପଦ ସୃଷ୍ଟି କରି ପଞ୍ଚାୟତର ଆଭ୍ୟନ୍ତରୀଣ ଆୟବୃଦ୍ଧି ନିମନ୍ତେ କମିଶନ ଗୁରୁତ୍ୱାରୋପ କରିଛନ୍ତି ।

# ଅମ୍ବିକା ସମ୍ଭାଳିଲେ ପରିବାର ଦାୟିତ୍ୱ

ପରିବାରର ମୁରବୀ ଠିକ୍ ନଥିଲେ ସଂସାର ରୂପକ ରଥ ସୁରୁଖୁରୁରେ ଚାଲେନି । ପିଲାମାନେ ଉପଯୁକ୍ତ ସଂସ୍କାର ପାଆନ୍ତିନି । ମହିଳାମାନେ ପାଇଟି କରିବାକୁ ବାର ଦୁଆର ଶୁଣ୍ଡିପିଣ୍ଡା ହୁଅନ୍ତି । ମାସକୁ ମାସ ପଇସାତ ସବୁ ଜାଗାରେ ମିଳେନି ବେଳେବେଳେ ବରଂ ନାନା କଥା ଶୁଣିବାକୁ ପଡେ । ଫଳରେ ସେମାନଙ୍କର ମାନସିକ ସ୍ଥିତି ଦୋହଲି ଯାଏ । ଝିଅ ସବୁଦିନ ପାଇଁ ଅଭିଆଡି ହୋଇ ରହିଯାଏ ଏବଂ ପୁଅ ଅପାଠୁଆ ହୋଇ ସମାଜ ପାଇଁ ବୋଝ ପାଲଟିଯାଏ । ଏସବୁକୁ ଭୁଲ୍ ପ୍ରମାଣିତ କରିଛନ୍ତି ପୁରୀ ଜିଲ୍ଲାର ବାସୁଦେବପୁର ଗ୍ରାମପଞ୍ଚାୟତର ଜଣେ ଦରିଦ୍ର ନିରାଶ୍ରୟା ମହିଳା ଅମ୍ବିକା ଉପାଧ୍ୟାୟ ।

ସ୍ୱାମୀଙ୍କର ମସ୍ତିଷ୍କ ବିକୃତି ଜନିତ ଦୋଷ ଥିବାରୁ ସେ କାମଧନ୍ଦା କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ । ଏଭଳି ପରିସ୍ଥିତିରେ ଘରର ଦାୟିତ୍ୱ ଭାର ପଡେ ଅମ୍ବିକାଙ୍କ ଉପରେ । ତାଙ୍କ ପାଇଁ ଦୁଇ ପିଲାଙ୍କର ପାଠପଢା ଓ ଘରକରଣା ଖର୍ଚ୍ଚ ସାଙ୍ଗକୁ ସ୍ୱାମୀଙ୍କ ଔଷଧ ଖର୍ଚ୍ଚ ବହନ କରିବା ବୋଝ ଉପରେ ନଳିତା ବିଡା ସଦୃଶ ହୁଏ । ସେ ଅନ୍ୟ ମହିଳାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ବାସୁଦେବପୁର ଗ୍ରାମପଞ୍ଚାୟତରେ



ଥିବା ମା କନକ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀରେ ଜଣେ ସଦସ୍ୟ ଭାବେ ଯୋଗ ଦେଇ କିଛି ଆର୍ଥିକ ସହାୟତା ପାଇଲେ ।

ଅମ୍ବିକା ଜଣେ ପରିଶ୍ରମୀ ମହିଳା ହୋଇଥିବାରୁ ବ୍ୟବସାୟ କରି ଘର ଚଳାଇବାକୁ ସ୍ଥିର କଲେ । ମା କନକ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀରୁ ୫୦,୦୦୦ ଟଙ୍କାର ଆର୍ଥିକ ସହାୟତା ନେଇ ସେ ଏବେ କପଡା ଓ ଷ୍ଟେସନାରୀ ବ୍ୟବସାୟ ଆରମ୍ଭ କରିଛନ୍ତି । ମା କନକ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟ ତାଙ୍କ ଦୋକାନର ଗ୍ରାହକ । ବାସୁଦେବପୁର ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘର ଅଧିକାଂଶ ସଦସ୍ୟ ଅମ୍ବିକାଙ୍କ ଦୋକାନରୁ କସମେଟିକ୍ସ (ଅଙ୍ଗରାଗ) କିଣିଥାନ୍ତି । ନିଷ୍ଠାପର ଉଦ୍ୟମ ଏବଂ ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ତାଙ୍କର ଜୀବନଧାରଣମାନରେ ମଧ ଉନ୍ନତି ପରିଲକ୍ଷିତ ହୋଇଛି । ବ୍ୟବସାୟ କରି ସେ ଏଯାବତ୍ ୧ ଲକ୍ଷ ଟଙ୍କା ଜମା କରିସାରିଛନ୍ତି । ଉପାର୍ଜିତ ଟଙ୍କାରୁ ପୁଅର କଲେଜ୍ ପଢା ଖର୍ଚ୍ଚ ତୁଲାଇବା ସହ ଝିଅ ବାହାଘର ମଧ୍ୟ କରିଛନ୍ତି । ଅମ୍ବିକା ଉପାଧ୍ୟାୟଙ୍କ ସଫଳତାର ଏ କାହାଣୀ ସେ ଅଞ୍ଚଳର ଅନ୍ୟ ଗରିବ, ନିରାଶ୍ରୟା ମହିଳାଙ୍କୁ ଦୁର୍ଦ୍ଦିନରେ ଭାଙ୍ଗିନପଡି ପରିସ୍ଥିତି ସହିତ ଲଢିବା ପାଇଁ ନିଶ୍ଚୟ ପ୍ରେରଣା ଯୋଗାଇବ ।

# ଚାଷ ଓ କ୍ଷୁଦ୍ର ବ୍ୟବସାୟରେ ମନବଳାଇଛନ୍ତି ମହିଳା



ସୁନ୍ଦରଗଡ଼ ଜିଲ୍ଲା କୁଆରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଜଗଦୀଶପୁର ଗାଁର ୧୦ ଜଣ ମହିଳା ଚାଷବାସ ପ୍ରତି ମନବଳେଇ ଗଢ଼ିଥିବା କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀର କାମ ସେ ଅଞ୍ଚଳରେ ଅନେକଙ୍କ ପାଇଁ ଉଦାହରଣ ପାଲଟିଛି । ସରକାରୀ ଯୋଜନା ଓ ଋଣ ସୁବିଧା ଏହି ମହିଳାଙ୍କୁ ରୋଜଗାରକ୍ଷମ କରିବାରେ ସହାୟକ ହୋଇଛି ।

ଘର କାମ ସାରି ବିଲରେ ଖଟିବା ଏହି ଗୋଷ୍ଠୀ ସଦସ୍ୟଙ୍କ ପାଇଁ ସେପରି କଷ୍ଟସାଧ ନଥିଲା । ତେବେ ଉପଯୁକ୍ତ ଚାଷ ଜମି ଅଭାବରୁ ମହିଳାମାନେ ବଡ଼ ଆକାରରେ ଚାଷ କାମ କରିପାରୁନଥିଲେ । ଗୋଷ୍ଠୀ ଆବଶ୍ୟକତାକୁ ଚାହିଁ ଚାଷ ଜମି ଲିଜ୍ ନେବା ପାଇଁ କଲ୍ୟାଣୀ ଏସ୍‌ଏଚ୍‌ଜି ର ସଦସ୍ୟମାନେ ଚିନ୍ତା କଲେ । ପଦ୍ମପୁର ଗ୍ରାମପଞ୍ଚାୟତସ୍ତରୀୟ ମହିଳା ମହାସଂଘରୁ କ୍ଷୁଦ୍ର ଅଣୁ ବିନିଯୋଗ ଯୋଜନା ମାଧ୍ୟମରେ ସେମାନେ ୫୦ ହଜାର ଟଙ୍କା ଋଣ ଆଣିଲେ । ଗାଁରେ ଅଢ଼େଇ ଏକର ସରକାରୀ ଜମି ଲିଜ୍ ନେଇ ଚାଷ କାମ ଆରମ୍ଭ ହେଲା । ଋଣ ଟଙ୍କାରୁ କିଛି ବିନିଯୋଗ କରି ୬୦ କେ.ଜି. ବାଦାମ, ୧ କେ.ଜି ଭେଣ୍ଡି, ୧ କେ.ଜି ଗୁଆଁର ଶିମ୍ବ, ୨ କେ.ଜି. ହରଡ଼ ଓ ୬୦୦ ଗ୍ରାମ ମୂଳା ମଞ୍ଜି ଏବେ ଲଗାଇଛନ୍ତି ଗୋଷ୍ଠୀର ମହିଳାମାନେ ।

ଆପୋଷ ଆଲୋଚନା କରି ୧୦ ଜଣ ଯାକ ସଦସ୍ୟ ନିଜେ ଚାଷ କାମରେ ନିୟୋଜିତ ରହୁଛନ୍ତି । ଏକାଠି କ୍ଷେତରେ ପରିଶ୍ରମ କରି ଚାଷ କାମକୁ ଭଲଭାବେ ତୁଲାଇବାକୁ ଅଣ୍ଟା ଭିଡ଼ିଛନ୍ତି ସେମାନେ । ଋଣ ଆଣିଥିବା ଟଙ୍କାରୁ ଚାଷ ପାଇଁ କିଛି ବ୍ୟବହାର କରି ବାକି ଟଙ୍କାକୁ ନିଜ ଭିତରେ ବାଣ୍ଟିନେଇ କ୍ଷୁଦ୍ର ବ୍ୟବସାୟରେ ସେମାନେ ଲଗାଇଛନ୍ତି । ଚାଷରୁ ଅମଳ ମିଳିବାକୁ ଡେରି ଥିବାରୁ ସେଯାଏଁ ଅପେକ୍ଷା ନରଖି ବୁଦ୍ଧିମତ୍ତାର ସହ ମାସିକ ଋଣ ସୁଝିବା ପାଇଁ ନିଜ ନିଜର କ୍ଷୁଦ୍ର ବ୍ୟବସାୟରୁ ମିଳୁଥିବା ଲାଭରୁ କିଛି କିଛି ଟଙ୍କା ପଇଠ କରି ସୁଧ ପରିମାଣ କମାଇ ପାରିଛନ୍ତି ଗୋଷ୍ଠୀର ସଦସ୍ୟମାନେ । ଏକ ମନ ହୋଇ ଗୋଷ୍ଠୀ ମାଧ୍ୟମରେ ରୋଜଗାରକ୍ଷମ ହୋଇଥିବା କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀର କାମ ପ୍ରେରଣାଦାୟକ ନିଶ୍ଚୟ ।

# ଓଡ଼ିଶାର ସହରାଞ୍ଚଳକୁ ୪୮୮୫୫ ଘର

ସହରାଞ୍ଚଳରେ ବାସ କରୁଥିବା ଆର୍ଥିକ ପଛୁଆ ବର୍ଗ, ମଧ୍ୟମ ଆୟ ବର୍ଗ ଏବଂ ଉଚ୍ଚ ମଧ୍ୟମ ଆୟ ବର୍ଗର ଲୋକଙ୍କୁ ଆବାସ ଯୋଜନାରେ ଘର ଯୋଗାଇଦେବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଇଛନ୍ତି । ଏହି ଯୋଜନାରେ ସମଗ୍ର ଦେଶର ୨୯ଟି ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳକୁ ଗୃହ ନିର୍ମାଣ ନିମନ୍ତେ ଆର୍ଥିକ ଅନୁଦାନ ଦିଆଯିବ । ଏହି କ୍ରମରେ ଓଡ଼ିଶାର ସହରାଞ୍ଚଳରେ ୪୮ ହଜାର ୮୫୫ ଗୃହ ନିର୍ମାଣ ହେବ । ଏଥିଲାଗି ସମୁଦାୟ ୨୧୦୮ ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ ହୋଇଛି ।

ଜବାହାରଲାଲ ନେହେରୁ ସହରାଞ୍ଚଳ ନବୀକରଣ ମିଶନ(ଜେଏନ୍ଏନ୍ୟୁଆର୍ଏମ୍) ଏବଂ ରାଜୀବ ଆବାସ ଯୋଜନାରେ ୨୦୦୪ରୁ ୨୦୧୪ ମସିହା ମଧ୍ୟରେ ଦେଶର ସମୁଦାୟ ୯୩୯ଟି ସହରରେ ୩ ଲକ୍ଷ ୯୦ ହଜାର ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ଏଥିପାଇଁ ସମୁଦାୟ ୩୧ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା । ୨୦୧୫ରୁ ଆରମ୍ଭ ହୋଇଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା । ଅଦ୍ୟାବଧି କେନ୍ଦ୍ର ସରକାର ୧୭ ଲକ୍ଷ ୭୩ ହଜାର ଗୃହ ନିର୍ମାଣକୁ ମଞ୍ଜୁରି ପ୍ରଦାନ କରିଥିବାବେଳେ ୧୩ ଲକ୍ଷ ୮୨ ହଜାର ଘର ତିଆରିକୁ ଅନୁମୋଦନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସଫଳ ରୂପାୟନ ପାଇଁ ୯୬ ହଜାର ୨୬୬ କୋଟି ଟଙ୍କା ପାଣ୍ଠି ଯୋଗାଇଦେଇଛନ୍ତି । ଏହି ଯୋଜନାରେ ହିତାଧିକାରୀଙ୍କୁ ୧ ଲକ୍ଷ ରୁ ୨ ଲକ୍ଷ ୪୦ ହଜାର ଯାଏଁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।



ଆର୍ଥିକ ଅନଗ୍ରସର ବର୍ଗର ଲୋକଙ୍କୁ ୨୦ ବର୍ଷ ଅବଧିରେ ୬ ଲକ୍ଷ ଟଙ୍କା ଋଣରେ ୬.୫ ପ୍ରତିଶତ ସୁଧ ରିହାତି, ମଧ୍ୟମ ବର୍ଗଙ୍କୁ ୨୦ ବର୍ଷ ଅବଧିରେ ୯ ଲକ୍ଷ ଟଙ୍କା ଋଣରେ ୪ ପ୍ରତିଶତ ସୁଧ ରିହାତି ଏବଂ ଉଚ୍ଚ ମଧ୍ୟ ବର୍ଗର ଲୋକଙ୍କୁ ୯ ଲକ୍ଷ ଟଙ୍କା ଋଣରେ ୩ ପ୍ରତିଶତ ରିହାତି ପ୍ରଦାନ କରାଯିବ ବୋଲି କେନ୍ଦ୍ର ସରକାର ସୂଚନା ଦେଇଛନ୍ତି ।

# ୨୫୦ ବିଦ୍ୟାଳୟ ବୁଲିବ ଭ୍ରାମ୍ୟମାଣ ବିଜ୍ଞାନାଗାର




ଅବୋଧ୍ୟ ବୈଜ୍ଞାନିକ ତଥ୍ୟ କିପରି ଛାତ୍ରଛାତ୍ରୀଙ୍କର ବୋଧଗମ୍ୟ ହେବ ସେଥିପାଇଁ ଓଡ଼ିଶା ସରକାର ଟାଟା କନସଲ୍ଟାନ୍ସି ସର୍ଭିସେସ୍(ଟିସିଏସ୍) ଏବଂ ଟାଟା ଟ୍ରଷ୍ଟର ସହଭାଗିତାରେ ଆରମ୍ଭ କରିବାକୁ ଯାଉଛନ୍ତି ସ୍କୁଲ ଆଣ୍ଡ କମ୍ୟୁନିଟି ସାଇନ୍ସ ପ୍ରୋଗ୍ରାମ(ଏସ୍ସିଏସ୍ପି) । ଏହା କେବଳ ଦକ୍ଷିଣ ଓଡ଼ିଶା ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ହେବ । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ୫ଟି ଭ୍ରାମମାଣ୍ୟ ବିଜ୍ଞାନାଗାର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ତଥା କମିଶନର ରଞ୍ଜନା ଚୋପ୍ରା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ତଥା କମିଶନର ଡକ୍ଟର ପ୍ରମୋଦ କୁମାର ମେହେର୍ଦ୍ଦା, ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ, ପଞ୍ଚାୟତିରାଜ ବିଭାଗ ସଚିବ ଡି.କେ. ସିଂହ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସଚିବ ତଥା କମିଶନର ବୀର ବିକ୍ରମ ଯାଦବ ଉପସ୍ଥିତ ଥିଲେ ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଦକ୍ଷିଣ ଓଡ଼ିଶା ଇନିସିଏଟିଭ୍ ଅଧୀନରେ କାର୍ଯ୍ୟକାରୀ ହେବ । ବିଦ୍ୟାଳୟ ପରିକ୍ରମା ପାଇଁ ଉଦ୍‌ଘାଟିତ ହୋଇଥିବା ବିଜ୍ଞାନାଗାର ଗୁଡ଼ିକରେ ବିଜ୍ଞାନ, ଗଣିତ ଓ ବିଭିନ୍ନ ଶିକ୍ଷଣୀୟ ଉପକରଣ ରହିବ । ଏତଦ୍‌ବ୍ୟତୀତ ଆପ୍ଲିକେସନ, ଚାର୍ଟ ଓ ପୁସ୍ତକ ମଧ୍ୟ ରହିବ । ଏହି ଭ୍ୟାନ୍ ଗୁଡ଼ିକ ମାସକୁ ଥରେ ଦକ୍ଷିଣ ଓଡ଼ିଶାର ମୁନିଗୁଡ଼ା, ବିଷମକଟକ, ଥୁଆମୂଳ, ରାମପୁର, ଲାଞ୍ଜିଗଡ ଏବଂ କୋରଗଡ ପଞ୍ଚାୟତସମିତିର ପ୍ରାୟ ୨୫୦ଟି ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ପରିକ୍ରମା କରିବ । ଗଭୀର ବୈଜ୍ଞାନିକ ତଥ୍ୟ ଅନୁଶୀଳନରେ ପ୍ରସ୍ତୁତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ପାଇଁ ସହାୟକ ହେବା ସଙ୍ଗେସଙ୍ଗେ ଶିକ୍ଷକମାନେ ମଧ୍ୟ ପ୍ରଶିକ୍ଷିତ ହୋଇପାରିବେ ।

## ସ୍ୱଚ୍ଛତା ଅଭିଯାନ

### ଯୁବ ରେଡ୍‌କ୍ରସ୍‌କୁ ନେତୃତ୍ୱ



ଯାଜପୁର ଜିଲ୍ଲାରେ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ଗ୍ରାମ ସହ ଅନ୍ୟାନ୍ୟ କ୍ଷେତ୍ରରେ ସ୍ୱଚ୍ଛତା ସୃଷ୍ଟି ପାଇଁ ଯୁବ ରେଡ଼କ୍ରସ୍ ସଂସ୍ଥାକୁ ସମ୍ପୃକ୍ତ କରାଯାଇଛି । ପ୍ରତ୍ୟେକ ବ୍ଲକର ଗୋଟିଏ ଗୋଟିଏ ଗ୍ରାମକୁ ଏହି ପ୍ରକ୍ରିୟାରେ ସାମିଲ କରି ସଫଳତା ହାସଲ କଲେ ସମ୍ପୃକ୍ତ ଯୁବ ରେଡ଼କ୍ରସ୍ ସଂସ୍ଥାର କର୍ମକର୍ତ୍ତାଙ୍କୁ ୧ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ । ଯାଜପୁର ଜିଲ୍ଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରେଡ଼କ୍ରସ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଉଲ୍ଲେଖଯୋଗ୍ୟ କି, ନଗଡ଼ା ବାସୀଙ୍କୁ ସେମାନଙ୍କ ଘର ପାଖରେ ରାସନ୍ ଯୋଗାଇଦେବା ଦାୟିତ୍ୱ ଏହି ସଂଗଠନ ହାତକୁ ନେଇଛି ।

## ଓଡ଼ିଶା ବେଳାଭୂମି ପର୍ଯ୍ୟଟନକୁ ସ୍ୱୀକୃତି

# ଗୋପାଳପୁର ପାଇଲା ପୁରସ୍କାର

ଓଡ଼ିଶାକୁ ବେଳାଭୂମି ଓ ଉପକୂଳ ପର୍ଯ୍ୟଟନ ପର୍ଯ୍ୟାୟରେ ପ୍ରଥମ ରନର୍ସ-ଅପ ପୁରସ୍କାର ମିଳିଛି । ଇଣ୍ଡିଆ ଟୁଡ଼େ ଗ୍ରୁପ୍ ଦେଶରେ ପ୍ରଥମ ଥର ପାଇଁ ପର୍ଯ୍ୟଟନ ଉପରେ ଆରମ୍ଭ କରିଥିବା ସର୍ବଭାରତୀୟ ମନୋନୟନ ପ୍ରକ୍ରିୟାରେ ଓଡ଼ିଶା ସର୍ବାଧିକ ଭୋଟ ପାଇଛି । କେନ୍ଦ୍ର ସଂସ୍କୃତି, ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶ୍ରୀ ମହେଶ ଶର୍ମାଙ୍କଠାରୁ ଦିଲ୍ଲୀରେ ଆୟୋଜିତ ଉତ୍ସବରେ ଓଡ଼ିଶା ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଆରତୀ ଆହୁଜା ଏହି ପୁରସ୍କାର ଗ୍ରହଣ କରିଛନ୍ତି ।




ଗୋପାଳପୁରକୁ ବେଳାଭୂମି ଓ ଉପକୂଳ ପର୍ଯ୍ୟାୟରେ ଏହି ରନର୍ସ-ଅପ ପୁରସ୍କାର ମିଳିଛି । ଅନୁଷ୍ଠିତ ସମାରୋହରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣକରି ମନ୍ତ୍ରୀ ଶ୍ରୀ ପଣ୍ଡା କହିଲେ ଯେ, ରାଜ୍ୟର ବିସ୍ତୃତ ବେଳାଭୂମି ପର୍ଯ୍ୟଟନ ଦୃଷ୍ଟିରୁ ବେଶ୍ ସଂଭାବନାମୟ । ରାଜ୍ୟ ସରକାରଙ୍କ ନୂତନ ପର୍ଯ୍ୟଟନ ନୀତିରେ ବେଳାଭୂମିକୁ ବିଶେଷ ଗୁରୁତ୍ୱ ଦିଆଯାଇଛି ।

ଏହା ବ୍ୟତୀତ ଆଦିବାସୀ ପର୍ଯ୍ୟଟନ, ବୌଦ୍ଧ ପର୍ଯ୍ୟଟନ, ଗ୍ରାମୀଣ ପର୍ଯ୍ୟଟନ ଓ ତୀର୍ଥ ପର୍ଯ୍ୟଟନ ସକାଶେ ଓଡ଼ିଶାରେ ବ୍ୟାପକ ସୁଯୋଗ ରହିଛି । ଭୁବନେଶ୍ୱର-ମାଲେସିଆ ବିମାନ ଚଳାଚଳ ଆରମ୍ଭ ହେଉଥିବାରୁ ରାଜ୍ୟର ବୌଦ୍ଧ ପର୍ଯ୍ୟଟନ ବିକାଶ ଘେନି ଶ୍ରୀ ପଣ୍ଡା ଆଶାବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉତ୍ତରାଖଣ୍ଡ ଓ ହରିୟାଣା ମୁଖ୍ୟମନ୍ତ୍ରୀଙ୍କ ସମେତ ଅରୁଣାଚଳ ପ୍ରଦେଶ ପର୍ଯ୍ୟଟନ ମନ୍ତ୍ରୀ ଓ ବହୁ ପର୍ଯ୍ୟଟନ ପ୍ରେମୀ ଯୋଗ ଦେଇଥିଲେ ।

## କୁଇଜ୍

ଓଡ଼ିଶା ପଞ୍ଚାୟତ ସମାଚାରର ପ୍ରତି ସଂସ୍କରଣରେ ପଞ୍ଚାୟତିରାଜ ବିଭାଗ ସମ୍ପର୍କରେ ନିଜର ସାଧାରଣ ଜ୍ଞାନ ପରୀକ୍ଷା ପାଇଁ ଏଭଳି ୫ଟି ପ୍ରଶ୍ନ ସମ୍ବଳିତ କୁଇଜ୍ ପ୍ରକାଶ ପାଉଛି । ପାଠକଙ୍କୁ ଅନୁରୋଧ ସେମାନେ ପ୍ରତ୍ୟେକ ପ୍ରଶ୍ନ ପାଇଁ ଦିଆଯାଇଥିବା ୪ଟି ଉତ୍ତର ମଧ୍ୟରୁ କେଉଁଟି ଠିକ୍, ତାହା ନିର୍ଣ୍ଣୟ କରି ତଳେ ପ୍ରଦତ୍ତ ସଠିକ୍ ଉତ୍ତର ସହ ମିଳାଇଲେ ନିଜର ସାଧାରଣ ଜ୍ଞାନ ପରଖି ପାରିବେ ।

**୧. ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କିଏ ?**
(କ) ଜିଲ୍ଲାପାଳ (ଖ)ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡ଼ିଏ (ଗ) ଜିଲ୍ଲାପରିଷଦ ଅଧ୍ୟକ୍ଷ (ଘ) ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ

**୨. ନିମ୍ନଲିଖିତ କେଉଁ ସ୍ଥାୟୀ କମିଟିରେ ଜିଲ୍ଲା ପରିଷଦର ମହିଳା ସଭ୍ୟା ଅଧ୍ୟକ୍ଷା ପଦ ତୁଲାଇଥାନ୍ତି ?**
(କ) ଶିକ୍ଷା, କ୍ରୀଡ଼ା ଓ ସଂସ୍କୃତି (ଖ) ନିର୍ମାଣ କାର୍ଯ୍ୟ, ଜଳସେଚନ (ଗ) ସ୍ୱାସ୍ଥ୍ୟ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ (ଘ) ହସ୍ତ ଶିଳ୍ପ, କୁଟୀର ଶିଳ୍ପ

**୩. ଜିଲ୍ଲା ପରିଷଦର ସାଧାରଣ ବୈଠକ କେତେ ଦିନରେ ଥରେ ହୁଏ ?**
(କ) ୩ ମାସରେ ଥରେ (ଖ) ୨ ମାସରେ ଥରେ (ଗ) ମାସରେ ଥରେ (ଘ) ୪ମାସରେ ଥରେ

**୪. ନିମ୍ନଲିଖିତ କେଉଁ ବିଷୟଟି ପେସା ଆଇନ୍ ବଳରେ ଜିଲ୍ଲା ପରିଷଦ କାର୍ଯ୍ୟ ପରିସରଭୁକ୍ତ ହୋଇଛି ?**
(କ) ବିକାଶମୂଳକ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ (ଖ) ଲଘୁ ବନଜାତ ଦ୍ରବ୍ୟର ପରିଚାଳନା (ଗ) ଗ୍ରାମ୍ୟ ଜଙ୍ଗଲର ପରିଚାଳନା (ଘ) କେନ୍ଦୁପତ୍ର ବ୍ୟବସାୟ ନିମନ୍ତେ ଲାଇସେନ୍ସ ପ୍ରଦାନ

**୫. ନିମ୍ନଲିଖିତ କେଉଁ ସଭ୍ୟଙ୍କର ଜିଲ୍ଲା ପରିଷଦ ବୈଠକରେ ଭୋଟ୍ ଦେବାର ଅଧିକାର ନାହିଁ ?**
(କ) ଜିଲ୍ଲା ପରିଷଦ ଅଧ୍ୟକ୍ଷ (ଖ) ଜିଲ୍ଲାର ବିଧାୟକ (ଗ) ଜିଲ୍ଲା ପରିଷଦ ସଭ୍ୟ (ଘ) ସରପଞ୍ଚ

**ଉତ୍ତର**
[illegible]

## ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ଅନୁଷ୍ଠାନ (SIRD&PR), ଭୁବନେଶ୍ୱରଠାରେ ଏପ୍ରିଲ୍ ମାସରେ ପ୍ରଶିକ୍ଷଣ

| ବିଷୟ | ଅଂଶଗ୍ରହଣକାରୀ | ତାରିଖ |
|---|---|---|
| ପ୍ରାରମ୍ଭିକ ତଥା ଗ୍ରାମପଞ୍ଚାୟତ ବିକାଶ ଯୋଜନା | ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର ଓ ବରଗଡ଼ ଜିଲ୍ଲାର ପଞ୍ଚାୟତସମିତି ଅଧ୍ୟକ୍ଷ | ୨୪.୦୪.୨୦୧୭ ରୁ ୨୬.୦୪.୨୦୧୭ |
| ପ୍ରାରମ୍ଭିକ ତଥା ଗ୍ରାମପଞ୍ଚାୟତ ବିକାଶ ଯୋଜନା | ଭଦ୍ରକ, ବୌଦ୍ଧ, କଟକ, ଦେବଗଡ଼, ଢେଙ୍କାନାଳ ଓ ଗଜପତି ଜିଲ୍ଲାର ପଞ୍ଚାୟତସମିତି ଅଧ୍ୟକ୍ଷ | ୨୭.୦୪.୨୦୧୭ ରୁ ୨୯.୦୪.୨୦୧୭ |

## ଓଡ଼ିଶା ପଞ୍ଚାୟତ ସମାଚାର

ପଢ଼ିବା ଶୁଣିବା ଦେଖିବା

ଓଡ଼ିଶା ପଞ୍ଚାୟତ ସମାଚାରରେ କିଛି କାହାଣୀ ଓ ସୂଚନା ସମ୍ପର୍କିତ ଭିଡ଼ିଓ ଅପ୍‌ଲୋଡ୍ ହୋଇ ତହିଁର QR Code ପ୍ରକାଶ କରାଯାଉଛି । ସ୍ମାର୍ଟ ଫୋନ୍‌ରେ ଏହା ଦେଖିବା ପାଇଁ Play Storeରୁ QR Reader App. ଡାଉନଲୋଡ କରନ୍ତୁ । ବିଭିନ୍ନ ପୃଷ୍ଠାରେ ପ୍ରଦତ୍ତ ଏଭଳି କୋଡ୍‌କୁ ସ୍କାନ୍ କଲାବେଳେ ସୃଷ୍ଟି ହେଉଥିବା Linkକୁ କ୍ଲିକ୍ କରନ୍ତୁ । ଏହାଦ୍ୱାରା ଆପଣ ନିଜ ସ୍ମାର୍ଟ ଫୋନ୍‌ରେ ଭିଡିଓ ଦେଖିପାରିବେ ।

ଜିଲ୍ଲା ପରିଷଦ ସଦସ୍ୟ ଓ ସରପଞ୍ଚମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କିତ ଭିଡିଓ ପାଇଁ ଏହି QR Code ସ୍କାନ୍ କରନ୍ତୁ

Chief Advisor : Dr. Arun Kumar Sahoo, Hon'ble Minister, Panchayati Raj & Law.
Advisor : Deoranjan Kumar Singh, IAS, Commissioner-cum-Secretary
Editor : S N Girish, IAS, Director, SIRD & PR
Contents Editing & Presentation : Sankalp, Bhubaneswar - 751001, e-mail : sankalptv@gmail.com
Editorial Board : Pranabjyoti Nath, IAS, Director, OLM, Hemant Kumar Padhi, Director, Panchayati Raj, Manas Ranjan Debata, Joint Secy., Saroj Kumar Dash, Dy. Director, SIRD & PR
Printed and Published by S N Girish on behalf of State Institute for Rural Development & Panchayati Raj, Unit-8, Bhubaneswar-751012, Dist.-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar-751010, Editor : S N Girish

ମୁଖ୍ୟ ଉପଦେଷ୍ଟା : ଡଃ ଅରୁଣ କୁମାର ସାହୁ, ମାନ୍ୟବର ମନ୍ତ୍ରୀ, ପଞ୍ଚାୟତିରାଜ ଓ ଆଇନ
ଉପଦେଷ୍ଟା : ଦେଓରଞ୍ଜନ କୁମାର ସିଂହ, ଭାପ୍ରସେ, କମିଶନର ତଥା ଶାସନ ସଚିବ
ସମ୍ପାଦକ : ଏସ୍ ଏନ୍ ଗିରୀଶ, ଭାପ୍ରସେ, ନିର୍ଦ୍ଦେଶକ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ
[illegible] ସଂକଳ୍ପ, ଭୁବନେଶ୍ୱର-୭୫୧୦୦୧, ଇ-ମେଲ୍ : sankalptv@gmail.com
ସମ୍ପାଦନା ମଣ୍ଡଳୀ : ପ୍ରଣବଜ୍ୟୋତି ନାଥ, ଭାପ୍ରସେ, ନିର୍ଦ୍ଦେଶକ, ଓଡ଼ିଶା ଜୀବିକା ମିଶନ । ହେମନ୍ତ କୁମାର ପାଢ଼ୀ, ନିର୍ଦ୍ଦେଶକ, ପଞ୍ଚାୟତିରାଜ । ମାନସ ରଞ୍ଜନ ଦେବତା, ଯୁଗ୍ମ ଶାସନ ସଚିବ । ସରୋଜ କୁମାର ଦାଶ, ଉପ ନିର୍ଦ୍ଦେଶକ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ।
ପ୍ରକାଶକ : ଏସ୍ ଏନ୍ ଗିରୀଶ, ନିର୍ଦ୍ଦେଶକ, ରାଜ୍ୟ [illegible]
ମୁଦ୍ରଣ : ଗାୟତ୍ରୀ ଇଣ୍ଡଷ୍ଟ୍ରିଜ୍, ଟିଏସ୍୩/୧୯୩, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦